THE SUNDAY SECTION OF NITIDIN

ନିତିଦିନ NITIDIN

# ନଜର

୧୬ ପୃଷ୍ଠା | ରବିବାର ମ୍ୟାଗାଜିନ୍ | ରବିବାର, ୬ ସେପ୍ଟେମ୍ବର ୨୦୨୬

ମନୋରଞ୍ଜନ

ଆସୁ ଆସୁ ବେଦୀକାଙ୍କୁ ଅଫର୍





# ଝାଡୁ

## ଦିବ୍ୟ ଜନନୀ ସାରଦା (୬)

■ ମନୋଜ କୁମାର ମହାପାତ୍ର

# ଆଶା ଓ ନିରାଶାର ଲୁଚକାଳି ଖେଳ



ମାନବୀୟ ଅଜ୍ଞାନ, ଅବିଦ୍ୟା ଅଧ୍ୟୁଷିତ ପ୍ରକୃତିର ନିଗଡ଼ ଭିତରେ ରହି ବନ୍ଦୀ ମଣିଷଟିଏ କେବେହେଲେ ବୁଝିପାରିବ ନାହିଁ ଐଶୀଶକ୍ତିର କାର୍ଯ୍ୟ ଓ ପରିଣାମ ବିଷୟରେ। ଅଖ୍ୟାତ ପଲ୍ଲୀ ଜୟରାମବାଟିରେ ମଝିରେ ମଝିରେ ଖବର ପହଞ୍ଚୁଥିଲା ଯେ ଶ୍ରୀ ରାମକୃଷ୍ଣ ମସ୍ତିଷ୍କର ଭାରସାମ୍ୟ ହରାଇ ବସିଛନ୍ତି। ସେ ଜଣେ ନିପଟ ପାଗଳ। ଏହିଭଳି ସମ୍ବାଦଗୁଡ଼ିକ ସମୟକ୍ରମେ ଜନରବରେ ରୂପାନ୍ତରିତ ହୋଇଥିଲା। ଏହି ଖବରଗୁଡ଼ିକ ଶୁଣି ଶ୍ରୀରାମଚନ୍ଦ୍ରଙ୍କ ପରିବାର ମର୍ମାହତ ହେଲା। ମା' ସାରଦାଙ୍କ ଚକ୍ଷୁରେ ଭରିଗଲା ଅଜସ୍ର ଅଶ୍ରୁ। ହୃଦୟ ଓ ମନ ହେଲା ବିଗଳିତ। ନିତ୍ୟନୈମିତ୍ତ କାର୍ଯ୍ୟଗୁଡ଼ିକ ପାଇଁ ଆଉ ରହିଲାନି ସ୍ପୃହା। କାମାରପୁକୁରରେ ସେ ତାଙ୍କ ସହିତ ବିତେଇଛନ୍ତି ଅନେକ ଦିନ କିନ୍ତୁ କୌଣସି ମାନସିକ ବିକୃତିର ଲକ୍ଷଣ ନଥିଲା। ସଦା ହାସ୍ୟମୟ ଓ ଆଧ୍ୟାତ୍ମିକ ସାଧନାର ବହୁ ଊର୍ଦ୍ଧ୍ୱରେ ରହୁଥିଲେ ଶ୍ରୀ ରାମକୃଷ୍ଣ ଯାହାଙ୍କର ସମସ୍ତ ଚିନ୍ତା ଓ ଭାବନା ସେହି ପରମସତ୍ୟ ସହିତ ଏକାକାର ହେଉଥିଲା, ସେ କ'ଣ ସତରେ ମାନସିକ ଭାରସାମ୍ୟ ହରାଇ ପାରିବେ? ଏହିଭଳି ପ୍ରଶ୍ନବାଣରେ ଜର୍ଜରିତ ହେଉଥିଲେ ମଧ୍ୟ ମା'ସାରଦାଙ୍କ ମନରେ ଥିଲା ଆଶାର ଝଲକ।

ସାଙ୍ଗସାଥୀମାନେ ପାଗଳର ସ୍ତ୍ରୀ ବୋଲି କହି ଥଟ୍ଟା ପରିହାସ କରୁଥିଲେ। ସମବେଦନା ଆଳରେ ବିଦ୍ୱେଷପୂର୍ଣ୍ଣ ମନ୍ତବ୍ୟଗୁଡ଼ିକୁ ଶୁଣିବାକୁ ପଡୁଥିଲା। ଦେବତୁଲ୍ୟ ସ୍ୱାମୀଙ୍କ ପ୍ରତି ତାଚ୍ଛଲ୍ୟ ମନ୍ତବ୍ୟ ଶୁଣି ସେ ସହ୍ୟ କରିପାରୁ ନଥିଲେ। ଘରର ଚାରିକାନ୍ଥ ଭିତରେ ବସି ବସି ବିରକ୍ତ ଲାଗିଲେ ସେ ଭାନୁ ପିଉସୀଙ୍କ ଘରକୁ ଚାଲି ଯାଉଥିଲେ। ଭାନୁ ପିଉସୀ ଶିହର ଗ୍ରାମର କନ୍ୟା ଓ ବିବାହ କରିଥିଲେ ଜୟରାମବାଟିରେ। ସେ ଶ୍ରୀ ରାମକୃଷ୍ଣଙ୍କର ଲୁକ୍କାୟିତ ଦିବ୍ୟତ୍ୱକୁ ଭଲ ଭାବରେ ଚିହ୍ନିଥିଲେ। ଯେତେବେଳେ ମା' ସାରଦାଙ୍କୁ ଶ୍ରୀ ରାମକୃଷ୍ଣ ନେବାକୁ ଆସିଥିଲେ ଭାନୁ ପିଉସୀଙ୍କ ଚକ୍ଷୁରେ ଏହି ଯୁଗଳ ମୂର୍ତ୍ତି ସାକ୍ଷତ ଶିବ ଓ ପାର୍ବତୀଙ୍କ ପରି ପ୍ରତୀୟମାନ ହୋଇଥିଲେ। ଭାନୁ ପିଉସୀଙ୍କ ସାନ୍ତ୍ୱନା ମା'ଙ୍କର କିଛି ମାତ୍ରାରେ ନୈରାଶ୍ୟ ହ୍ରାସ କରୁଥିଲା। ସାରଦା ଦେବୀ ଯୌବନାବସ୍ଥାରେ ପଦାର୍ପଣ କରିସାରିଥିଲେ। କିନ୍ତୁ ସାଧାରଣ ଯୁବତୀଙ୍କ ଭଳି ତାଙ୍କ ମନ କାମିନୀ ଓ କାଞ୍ଚନରେ ଆଚ୍ଛନ୍ନ ନଥିଲା।

ଶ୍ରୀ ରାମକୃଷ୍ଣଙ୍କ ବିଷୟରେ ଶୁଣୁଥିବା ଖବର ଗୁଜବ ହୋଇଥିଲେ ମଧ୍ୟ ଥରେ ଯାଇ ସେ ତାଙ୍କ ଦର୍ଶନ କରିବାକୁ ଚାହୁଁଥିଲେ। ୧୮୭୨ର ପ୍ରଥମ ଭାଗରେ ଏକ ନିର୍ଦ୍ଦିଷ୍ଟ ପବିତ୍ର ପର୍ବରେ ଗଙ୍ଗାନଦୀରେ ସ୍ନାନ କରିବାକୁ ଯାଉଥିବା ଏକ ତୀର୍ଥଯାତ୍ରୀ ଦଳ ସହିତ କନ୍ୟା ସାରଦାଙ୍କୁ ନେଇ ପିତା ଶ୍ରୀ ରାମଚନ୍ଦ୍ର ମୁଖାର୍ଜୀ କଲିକତା ଅଭିମୁଖେ ବାହାରିଲେ। ଷାଠିଏ ମାଇଲ୍ ପଥ ଅତିକ୍ରମ କରିବାକୁ ହେବ। କିନ୍ତୁ ମନରେ ଭରି ରହିଥିଲା ବିପୁଳ ଆନନ୍ଦ ଓ ଉତ୍ସାହ। ଯେଉଁ ଅଞ୍ଚଳ ଦେଇ ସେମାନେ ଗମନ କରୁଥିଲେ ତାହା ଥିଲା ମ୍ୟାଲେରିଆ ଜ୍ୱର ଆକ୍ରାନ୍ତ କ୍ଷେତ୍ର। ପଥରେ ମା' ଆକ୍ରାନ୍ତ ହେଲେ ମ୍ୟାଲେରିଆ ଜ୍ୱରରେ। ଜ୍ୱରର ତୀବ୍ରତା ଏତେ ବୃଦ୍ଧି ପାଇଲା ଯେ ପିତାଙ୍କ ଚିନ୍ତା ବଢ଼ିଗଲା। ନିଜେ ମଧ୍ୟ ବିବ୍ରତ ହୋଇ ଉଠିଲେ ମା' ସାରଦା କାରଣ ସ୍ୱାମୀଙ୍କୁ ସାକ୍ଷାତ କରିବାରେ ବିଳମ୍ବ ହେବ। ମନସ୍ତାପ ହେଲା, ମନ ବ୍ୟାକୁଳିତ ହୋଇଉଠିଲା।

ରାତିରେ ସେ ସଂଜ୍ଞାହୀନ ହେଲେ ଓ ସ୍ୱପ୍ନରେ ଦେଖିଲେ ଜଣେ ସୁନ୍ଦରୀ କୃଷ୍ଣକାୟା ନାରୀ ତାଙ୍କ ମୁଣ୍ଡ ଆଉଁଶି ଦେଉଛନ୍ତି। ତାଙ୍କ ମୁଖରେ ଥିଲା ମୃଦୁ ହାସ୍ୟ। ସତେକି ସେ ତାଙ୍କ ବେଦନା ଓ ଯନ୍ତ୍ରଣା ଦୂରକରି ନେଉଛନ୍ତି। ମା' ତାଙ୍କୁ ପଚାରିବାରୁ ସେ କହିଲେ- ଦକ୍ଷିଣେଶ୍ୱରରୁ ତୁମରି ପାଇଁ ମୁଁ ଏଠାକୁ ଆସିଛି, ତୁମେ ନିଶ୍ଚିତ ଭାବରେ ଦକ୍ଷିଣେଶ୍ୱରକୁ ଯିବ। ମୁଁ ତୁମର ଭଉଣୀ।' କଥାଟା ତାଙ୍କ ମନକୁ ପାଇଲା ଓ ଅଲୌକିକ ବାର୍ତ୍ତାଳାପ ମଧ୍ୟରେ ସେ ନିଦ୍ରାଗ୍ରସ୍ତ ହେଲେ। ପରଦିନ ତାଙ୍କ ଦେହରେ ଜ୍ୱର ନଥିଲା। ପୁନଶ୍ଚ ମନ୍ଥର ଗତିରେ ସେମାନେ ଚାଲିବାକୁ ଲାଗିଲେ। ବାଟରେ ଏକ ପାଲିଙ୍କି ମିଳିବାରୁ ମା' ସେଥିରେ ଉପବେଶନ କରି ଯାତ୍ରା କଲେ। ଗଙ୍ଗାନଦୀ ଅତିକ୍ରମ କରି ରାତି ନଅଟାରେ ସେମାନେ ପହଞ୍ଚିଲେ ଦକ୍ଷିଣେଶ୍ୱରରେ। ଶ୍ରୀ ରାମକୃଷ୍ଣଙ୍କ ପାଦପଦ୍ମରେ ମା' ଭୂମିଷ୍ଠ ପ୍ରଣାମ କଲେ। ମା'ଙ୍କୁ ଦେଖି ସେ ମଧ୍ୟ ଆନନ୍ଦିତ ହେଲେ ଓ ସେବକକୁ ଏକ ମସିଣା ବିଛେଇବାକୁ କହିଲେ। ମସିଣାରେ ମା' ବସି ଶ୍ରୀ ରାମକୃଷ୍ଣଙ୍କ ସହିତ ଆଲୋଚନାରେ ମଜ୍ଜିଗଲେ। ମ୍ୟାଲେରିଆରେ ଆକ୍ରାନ୍ତ ହୋଇଛନ୍ତି ଜାଣି ଚିକିତ୍ସା ପାଇଁ ବ୍ୟସ୍ତ ହୋଇପଡ଼ି ଶ୍ରୀ ରାମକୃଷ୍ଣ କହିଲେ- 'ଆଜି ମୋ ମଥୁର ଥିଲେ ଯଥୋଚିତ ସେବା କରିଥାନ୍ତେ। ତାଙ୍କ ମୃତ୍ୟୁରେ ଯେପରି ମୋର ଡ଼ାହାଣ ହାତ ଭାଙ୍ଗିଯାଇଛି।' ମଥୁରବାବୁ ଥିଲେ ଦକ୍ଷିଣେଶ୍ୱର ମନ୍ଦିରର ପ୍ରତିଷ୍ଠାତ୍ରୀ ରାଣୀ ରାସମଣିଙ୍କ ଜାମାତା। ସେ ରାମକୃଷ୍ଣଙ୍କ ଭିତରେ ସ୍ୱୟଂ ଶିବ ଓ କାଳୀଙ୍କର ଦର୍ଶନ କରି ଧନ୍ୟ ହୋଇଥିଲେ।

ମନ୍ଦିରରେ ପ୍ରସାଦ ସେବନ କାର୍ଯ୍ୟ ସମାପ୍ତ ହୋଇଥିବାରୁ ଭଣଜା ହୃଦୟ ବାହାରୁ ମୁଢ଼ି ଆଣି ଦେଇଥିଲେ। ସେତକ ଖାଇ ସେମାନେ ରାତ୍ରିଯାପନ କଲେ। ପରଦିନ ଡାକ୍ତରୀ ଚିକିତ୍ସା ଆରମ୍ଭ ହେଲା ଓ ମା' ସୁସ୍ଥ ହେବା ପରେ ମନ୍ଦିର ସମ୍ମୁଖସ୍ଥ ନହବତରେ ରହୁଥିବା ଶାଶୁ ଚନ୍ଦ୍ରମଣିଙ୍କ ପାଖରେ ଯାଇ ସହାବସ୍ଥାନ କଲେ। ଶ୍ରୀ ରାମକୃଷ୍ଣଙ୍କୁ ପୂର୍ବବତ ସୁସ୍ଥ ଓ ଆଧ୍ୟାତ୍ମିକ ସାଧନାରେ ସଦା ବିହ୍ୱଳିତ ରହୁଥିବାର ଦେଖି ତାଙ୍କୁ ଆଶ୍ୱସ୍ତି ମିଳିଥିଲା। ମାନସିକ ବ୍ୟାଧିର ନଥିଲା କୌଣସି ଲକ୍ଷଣ ଓ ତାଙ୍କ ପ୍ରତି ରହିଥିବା ଆନ୍ତରିକ ସ୍ନେହ ମଧ୍ୟ ପୂର୍ବବତ ଅତୁଟ ଥିଲା। ମନପ୍ରାଣ ଢ଼ାଳି ଶାଶୁ ଓ ପତିଙ୍କ ସେବାରେ ସେ ମଜ୍ଜିଗଲେ। କନ୍ୟା ପ୍ରତି ଜାମାତାଙ୍କର ସ୍ନେହ, ଶ୍ରଦ୍ଧା ଦେଖି ପିତା ରାମଚନ୍ଦ୍ର ଆତ୍ମସନ୍ତୋଷ ଲାଭ କରି ଜୟରାମବାଟିକୁ ପ୍ରସ୍ଥାନ କଲେ। ଯିଏ ଜଗତଜନନୀ କାଳୀଙ୍କ ଭକ୍ତିରେ ସଦା ତନ୍ମୟ ତାଙ୍କୁ ଏହି ସାଂସାରିକ ପରଳାବୃତ ଚକ୍ଷୁଗୁଡ଼ିକ କିପରି ଚିହ୍ନିପାରିଥାନ୍ତେ! ଜୀବଙ୍କୁ ସତ୍‌ମାର୍ଗରେ ପରିଚାଳିତ କରିବା ପାଇଁ ତାଙ୍କର ଯେ ଏଠାରେ ଅବତରଣ ହୋଇଛି ଏହା ସାଧାରଣ ମଣିଷ ପକ୍ଷରେ ବୁଝିବା ସହଜ ନଥିଲା। (କ୍ରମଶଃ)

ମୋ-୯୯୩୭୨୯୭୦୩୯

# 'ଆତ୍ମକୃତ କର୍ମଫଳ, ଯାଚିଦେବେ ହରି'

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସକାଳେ ଶଯ୍ୟାତ୍ୟାଗ ଠାରୁ ରାତିରେ ନିଦ୍ରା ଯିବା ପର୍ଯ୍ୟନ୍ତ ପରିବାର ଓ ସମାଜରେ ଆମେ ବିଭିନ୍ନ ଲୋକଙ୍କ ସଂସ୍ପର୍ଶରେ ଆସିଥାଉ। ବିଭିନ୍ନ କାର୍ଯ୍ୟରେ ଭାବର ଆଦାନପ୍ରଦାନ ହୋଇଥାଏ। କିନ୍ତୁ ବେଳେ ବେଳେ ଆମେ ଜାଣତରେ ହେଉ ବା ଅଜାଣତରେ ଏଭଳି କିଛି କହିଦେଉ, ଯାହା ସଂପୃକ୍ତ ବ୍ୟକ୍ତିଙ୍କ ସହିତ ଆମର ସଂପର୍କକୁ ତିକ୍ତ କରି ନଥାଏ ବରଂ ପରବର୍ତ୍ତୀ ସମୟରେ ଆମକୁ ଗ୍ଳାନି ବୋଧ କରାଇଥାଏ। କାରଣ ମୁହଁରୁ ଥରେ କଥା ବାହାରି ଗଲେ ତାହା ଫେରିପାରେ ନାହିଁ। ତେଣୁ ନିତିଦିନିଆ ଜୀବନରେ ଏଭଳି ଅପ୍ରୀତିକର ସ୍ଥିତିରୁ ମୁକୁଳିବା ପାଇଁ ବାଟ ହେଲା ସର୍ବଦା ମଧୁର ବଚନ ବ୍ୟବହାର କରିବା।

ଜୀବନ ହେଉଛି ଈଶ୍ୱରଙ୍କ ବ୍ୟକ୍ତରୂପ। ଜୀବନ ଆନନ୍ଦ, ଜୀବନ ହେଉଛି ଆତ୍ମାନନ୍ଦର ପ୍ଲାବନ। ଜୀବନ ହେଉଛି ଚେତନାର ସ୍ରୋତ। ସେବା ଓ ଉତ୍ସର୍ଗ ହିଁ ଜୀବନ। ମଧୁର ସମ୍ପର୍କ ହିଁ ଜୀବନ। ଆମେ କେଉଁଠାରୁ ଆସିଥାଉ ସେଠାକୁ ଫେରିଯିବା ଏହା ହିଁ ଜୀବନର ପ୍ରକୃତ ଲକ୍ଷ୍ୟ। ନଦୀ ଯେପରି ତାର ଜଳର ଅନ୍ତିମ ଉତ୍ପତ୍ତି ସ୍ଥଳ ସାଗର ସହିତ ସଂଯୁକ୍ତ ହେବାକୁ ଅବିଶ୍ରାନ୍ତ ଗତିରେ ଧାବମାନ, ଅଗ୍ନି ଯେପରି ଅସ୍ଥିର ଶିଖା ବିସ୍ତାର କରି ତାର ମୌଳିକ ତତ୍ତ୍ୱରେ ବିମିଶ୍ରିତ ହୋଇଯିବାକୁ ପ୍ରଜ୍ୱଳିତ ଆମକୁ ଠିକ ସେହିପରି କଳିଯୁଗର ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ କୃପା ଲାଭ କରିବା ପାଇଁ ଏ ଧରାପୃଷ୍ଠରେ ଅବିଶ୍ରାନ୍ତ ଭାବରେ ଉଦ୍ୟମଶୀଳ ହେବାକୁ ପଡ଼ିବ। ସାଂସାରିକ ଜୀବନ ଆଦୌ ପ୍ରକୃତ ଜୀବନ ନୁହଁ। ଏ ଜୀବନ ମିଥ୍ୟା ଓ କ୍ଷଣ ସ୍ଥାୟୀ। ସାଂସାରିକ ଅନୁଭୂତିର କୌଣସି ମୂଲ୍ୟନାହିଁ, କୌଣସି ବାସ୍ତବତା ନାହିଁ। ଏକ ମାତ୍ର ଯୁଗପୁରୁଷୋତ୍ତମ ହିଁ ବାସ୍ତବ ସତ୍ୟ।

କଥାରେ ଅଛି ବିନୟ ମଧୁର ବଚନ, କହି ତୋଷିବ ଜନମନ। ଆମେ ମିଷ୍ଟ ଭାଷାରେ ସ୍ପଷ୍ଟ କଥା କହିବା ଉଚିତ। ଏହାଦ୍ୱାରା କାର୍ଯ୍ୟ ହାସଲ ତ ହୋଇଥାଏ ତା ସହ ସଂପର୍କ ବି ଭଲ ରହେ। ଏଥିରୁ ଆମକୁ ଦିବ୍ୟ ସନ୍ତୋଷ ମିଳିବା ସହିତ ଆମର ସାମାଜିକ ସମ୍ପର୍କରେ ମାଧୁର୍ଯ୍ୟ ଆସିଥାଏ। ଅନେକ ଭାବନ୍ତି ସ୍ପଷ୍ଟବାଦୀ ହେବା ପାଇଁ ସର୍ବଦା କଡ଼ାକଥା କହିବାକୁ ହୋଇଥାଏ। ଏହି ଧାରଣା ଭୁଲ। ସ୍ପଷ୍ଟବାଦୀ ହେବା ସହ ମିଷ୍ଟଭାଷୀ ହେବା ବିଧେୟ। ଏହାଦ୍ୱାରା ଜୀବନ ନିଖୁଣ, ପୂର୍ଣ୍ଣାଙ୍ଗ ଓ ନୈତିକପୂର୍ଣ୍ଣ ହେବ। ତେବେ ଯାଇ ସମସ୍ତେ ଜୀବନର ଅମୃତ ଉପଲବ୍ଧି କରିପାରିବେ। ଏହି ମର୍ମରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ କାଳଜୟୀ ପଂକ୍ତିଟି ମନେପଡୁଛି - 'ବର୍ତ୍ତମାନ କର୍ମଫଳ ଲାଭ ଭବିଷ୍ୟତେ, ଏହି କଥା କର ଯେବେ ହୃଦୟେ ପରତେ, ପବିତ୍ର ମନରେ କାର୍ଯ୍ୟ କର ସେହିପରି, ଆତ୍ମକୃତ କର୍ମଫଳ ଯାଚିଦେବେ ହରି। ଜୀବନ ସୁଖଦୁଃଖ ଦାତା କର୍ମଫଳ, ବିନାଶକ, ରକ୍ଷାକାରୀ, ସହାୟ ସମ୍ବଳ, କର୍ମଫଳ ପ୍ରଭାବରେ ଜୀବନର ଗତି, ବିଧିଦ୍ୱାରା ନଷ୍ଟ ହୁଏ ନାହିଁ ତାର ଶକ୍ତି।'

ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ, ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭



# ଝାଡୁ

ଆମ ଚଳଣିରେ ଝାଡୁର ସଂପୃକ୍ତି ଅନେକ । ଶ୍ରୀମନ୍ଦିର ଝାଡୁଦାର ଶ୍ରୀୟା ଚଣ୍ଡାଲୁଣୀକୁ ନେଇ ଓଡିଆଣୀର ମାଣବସା ଗୁରୁବାର ଓ ସୁଦଶାବ୍ରତର କଥା ପ୍ରଚଳିତ। 'ଭଜୁକିନା ରାମ ନାମରେ କୁମର' ଟୀକା ଗୋବିନ୍ଦଚନ୍ଦ୍ର କଥାରେ ରାଣୀ ମଉନାବତୀଙ୍କ ନିର୍ଦ୍ଦେଶରେ ଝାଡୁଦାର ହାଡିପା ଯୁବରାଜ ଗୋବିନ୍ଦ ଚନ୍ଦ୍ରଙ୍କର ଗୁରୁ ହେବା ସହିତ ତାଙ୍କୁ ମହାମନ୍ତ୍ର ଦୀକ୍ଷା ଦେଇ ହାତରେ କେନ୍ଦରା ଧରାଇ ଯୋଗୀ କରିଥିଲେ । ଝାଡୁ ନଡିଆ କଞ୍ଚି, ଫୁଲ, ଖଜୁରିପତ୍ର, ବାଉଁଶ କଣିରୁ ତିଆରି ହୁଏ। ବାରି ବଗିଚାରୁ ସୁଖିଲା ପତ୍ର ଖରକିବା କିମ୍ବା ପହଁରେଇବା ପାଇଁ ଗ୍ରାମାଞ୍ଚଳରେ ବାଉଁଶ କଣିର ଝାଡୁ ତିଆରି କରିବାକୁ ହୋଇଥାଏ ।



ଅଶୋକ କୁମାର ପଣ୍ଡା

## ଗଜପତିଙ୍କ ଛେରା ପହଁରା:

ପ୍ରଭୁ ଜଗନ୍ନାଥ ବଡ ଠାକୁର । ତାଙ୍କର ଏକାନ୍ତ ସେବକ ଠାକୁର ରାଜାଙ୍କର ଗୁରୁତ୍ୱ ମଧ କିଛି କମ୍ ନୁହେଁ । ସେ ମଧ ଓଡିଆଙ୍କ ପୂଜ୍ୟ । ରଥଯାତ୍ରା ଅବସରରେ ଠାକୁର ରାଜା ତିନିରଥ ଉପରେ ସୁନା ଝାଡୁରେ ଛେରା ପହଁରା କରି ଥାଆନ୍ତି। ଝାଡୁଦେବା ଚଣ୍ଡାଳର କାମ ବୋଲି ବିବେଚନା କରାଯାଉଥିବା ସମାଜରେ ପୁରୁଷାନୁକ୍ରମେ ଠାକୁର ରାଜାଙ୍କର ବଂଶଧରମାନେ ଏହି କାମକୁ ଏକ ପବିତ୍ର କାମ ଭାବି କରି ଆସୁଛନ୍ତି । ଯେ ପର୍ଯ୍ୟନ୍ତ ଯାଏ ଗଜପତି ଛେରାପହଁରା କରି ନଥାନ୍ତି, ଶ୍ରୀଜଗନ୍ନାଥଙ୍କ ବିଧାନ ଅନୁସାରେ ରଥଯାତ୍ରା ସମାପନ ହୋଇପାରେ ନାହିଁ।

## ପେଟେଣ୍ଟ ମେଡିସିନ୍:

ଓଡିଆ ସାହିତ୍ୟର ସଂକ୍ରାନ୍ତି ପୁରୁଷ କଥା ସମ୍ରାଟ ଫକୀର ମୋହନ ସେନାପତିଙ୍କର 'ପେଟେଣ୍ଟ ମେଡିସିନ୍' ଗଳ୍ପ ଏକ କାଳଜୟୀ କୃତି। ସମସାମୟିକ ସମାଜରେ ଏହା ଏକ ନିଛକ ଛବି। ତାହାର ନାଟ୍ୟ ରୂପାନ୍ତର କରିଛନ୍ତି ଚିର ସବୁଜ ଅକ୍ଷୟ ମହାନ୍ତି। ମଦ୍ୟପ ଓ ବେଶ୍ୟାସକ୍ତ ଜମିଦାର ଚନ୍ଦ୍ରମଣି ପଟ୍ଟନାୟକଙ୍କୁ ବାଟକୁ ଆଣିବାକୁ ନିରୁପାୟ ତାଙ୍କ ସ୍ତ୍ରୀ ସୁଲୋଚନା ପେଟେଣ୍ଟ ମେଡିସିନ୍ ସ୍ୱରୁପ ନିର୍ଘାତ ଝାଡୁ ପ୍ରହାର ସ୍ୱାମୀଙ୍କୁ ଦେଇଛନ୍ତି ଓ ପରେ ମନସ୍ତାପ କରିଛନ୍ତି। ଝାଡୁ ପାହାର ଖାଇବା ପରେ ଚନ୍ଦ୍ରମଣି ବାବୁ ନିଜର ଭୁଲ ବୁଝିବା ସହିତ ଭଲ ବାଟକୁ ଆସିଛନ୍ତି।

## ଦାଣ୍ଡ ପହଁରା ଓଷା:

ସରସ୍ୱତୀ ପୂଜାଠାରୁ ଗାଁର ଅବିବାହିତ ଝିଅମାନେ ସକାଳୁ ଉଠି ସମବେତ ହୋଇ ନଡିଆ କଞ୍ଚି ଝାଡୁରେ ଗାଁ ଦାଣ୍ଡ ଖରକି ପରିଷ୍କାର କରି ଥାଆନ୍ତି । ଏହି ସମୟରେ ପିଲାମାନେ ଶଂଖ ଓ ହୁଳୁହୁଳି ପକାଇ ଥାଆନ୍ତି । ଅଗ୍ନି ଉତ୍ସବ ପର୍ଯ୍ୟନ୍ତ ଏହି କାମ ଚାଲିଥାଏ । ଅଗ୍ନି ଉତ୍ସବ ପରଦିନ ଅଘିଗାତରେ ଗଡିଶା ମାଛ ଖେଳାଇ ଏହାକୁ ଉଝାଇ ଥାଆନ୍ତି। ସେତେବେଳେ ସାମାଜିକ ଚେତନା ସ୍ୱରୂପ ସ୍ୱଚ୍ଛ ଅଭିଯାନ ଭାବରେ ଗ୍ରହଣ କରାଯାଇଥିଲା। ପର୍ବପର୍ବାଣୀ ସହିତ ସାମାଜିକ ସଂସ୍କାର ମଧ୍ୟ ନିହିତ ଥିଲା। ଯାହା ଏବେ ସ୍ୱଚ୍ଛ ଭାରତ ଅଭିଯାନ ନାମରେ ବିହିତ ହେଉଛି।

## ବାଟଓଷା, ଯମରାଜା ଓ ଝାଡୁ:

ପ୍ରତିବର୍ଷ ବାଟଓଷା ଅବସରରେ ମହିଳାମାନେ ଗାଁର ଏକ ତିନି ମୁହାଣି ଛକରେ ଓଷା କରିଥାଆନ୍ତି । ସେଠାରେ ବିଧିମତେ ଯମରାଜାଙ୍କର ପୂଜାର୍ଚ୍ଚନା ହୁଏ । ମହିଳାମାନେ ଭୋଗଡାଲା ଓ ପୂଜା ସାମଗ୍ରୀ ବାଟଓଷା ସ୍ଥାନକୁ ନେବାବେଳେ ଘରୁ ବାହାରି ବଜ୍ରମୁଳି ଗଛ ଦ୍ୱାରା ଗାଁ ଦାଣ୍ଡକୁ ପହଁରି ପହଁରି ଯାଆନ୍ତି । ପୂଜାସ୍ଥାନରେ ଯମକୁ ଦୁଃଖ ଦେଇ ସ୍ୱାମୀ ଓ ପିଲାମାନଙ୍କର ଆୟୁଷ ବୃଦ୍ଧି ଓ ସୁଖ କାମନା କରି 'ଦୁଃଖ ଦେଇ ସୁଖ ନେଇ' ଘରକୁ ଫେରନ୍ତି । ଏହା ମଧ୍ୟ ଏକ ସାମାଜିକ ଚେତନା। ଓଷା ମାଧ୍ୟମରେ ପରିଚ୍ଛନ୍ନ ପରିବେଶ ହିଁ ଦୀର୍ଘାୟୁ କରିବାର ମହାର୍ଘ ସୁତ୍ର ଏହା ପଛର ଗୁଢ଼ ରହସ୍ୟ ବି ହୋଇପାରେ।



## ଝାଡୁ ଓ ଲୁହାକଣ୍ଟା:

କଅଁଳା ପିଲାଙ୍କୁ କେବେ କେବେ କୁଦୃଷ୍ଟିର ଶିକାର ହୁଅନ୍ତି । ସେମାନେ ଚମକିବା ସହିତ, ଆଖିପତା ଯୋଡିଯିବା ଓ ବାନ୍ତି ଓ ଜ୍ୱର ହୋଇଥାଏ । ଏଥିରୁ ରକ୍ଷା ପାଇବା ପାଇଁ କଣ୍ଟାଛାଞ୍ଚୁଣିର କିଛି ଅଂଶ ଓ ଏକ ଲୁହାକଣ୍ଟାକୁ କଅଁଳା ପିଲାର ଶେଯ ତଳେ ରଖାଯାଇଥାଏ । ଅତି ଆବଶ୍ୟକ ପଡିଲେ ଏକ କଳା ଫିତାରେ ଏକ କଣ୍ଟାଛାଞ୍ଚୁଣିର କିଛି ଅଂଶକୁ



କଅଁଳା ପିଲାର ବେକ କିମ୍ବା ହାତରେ ବାନ୍ଧି ଦିଆଯାଏ । ଏହା ଦ୍ୱାରା ପିଲାମାନଙ୍କୁ କୁଦୃଷ୍ଟି ଓ ଭୂତପ୍ରେତ ଡରରୁ ମୁକ୍ତି ମିଳିଥାଏ ।

## ଶ୍ମଶାନରେ ଝାଡୁ:

ମୃତାହ କର୍ମରେ ୧୧ ଦିନ ଦିନ ପ୍ରେତ ଛଡାଯାଏ । ଏଥିପାଇଁ ଗବଗଛ ବାଡିରେ ନିଆଯାଉଥିବା ମାଲ ଆଟିକାରେ ବିଞ୍ଚଣା ସହିତ ଖଣ୍ଡିଆ ଝାଡୁ ମଧ ନିଆଯାଏ । ନିସ୍ତବ୍ଦ ରାତିରେ ତିନି ମୁହାଣି ଛକରେ ପୂଜାପାଠ ସହ ଏହି କାମ ହୋଇଥାଏ । ସାମାଜିକ ବ୍ୟବସ୍ଥା ଅନୁସାରେ, ଜଣେ ମୃତ୍ୟୁ ଲଭିବା ପରେ ଶୁଦ୍ଧିର ବିଧିବ୍ୟବସ୍ଥା ପାଳନ କରିବା ଅର୍ଥ ସାଙ୍କେତିକ ଭାବରେ ଝାଡୁର ବ୍ୟବହାରକୁ ଏଡ଼ାଇ ଦିଆଯାଇ ନପାରେ ।





## ଝାଡୁପାଳି ଓ କ୍ଲାସ୍ ମନିଟର୍:

ବିଦ୍ୟାଳୟରେ ପଢିଲା ବେଳେ ପାଳିକରି ଶ୍ରେଣୀଗୃହକୁ ଝାଡୁମାରିବା / ଖରକିବାକୁ ହେଉଥିଲା । ଏହି କାମକୁ ସୂଚାରୁରୂପେ କରିବାକୁ ମନିଟର ବଛା ଯାଇଥିଲା । ମୁଖ୍ୟତ ଶ୍ରେଣୀର ବାଳିକାମାନେ ଝାଡୁଦେବା କାମ କରୁଥିବା ବେଳେ ବାଳକମାନେ ବେଞ୍ଚଡେସ୍କ ଉଠାଇବା ଓ ସଜାଇବାରେ ସାହାଯ୍ୟ କରନ୍ତି । ଝାଡୁ ଛିଡିଗଲେ ପିଲାମାନେ ନିଜ ମଧ୍ୟରେ ଝାଡୁପାଇଁ ପଇସା ଆଦାୟ କରି ନୂଆ ଝାଡୁ କ୍ରୟ କରି ଥାଆନ୍ତି । ଝାଡୁ ପାଳିନେଇ ଏକ ହାତଲେଖା ନୋଟିସ୍ ଶ୍ରେଣୀ ଗୃହରେ ଲଗାଯାଉଥିଲା । ସେଦିନ ଯାହାର ଘର ଝାଡୁ କରିବା ପାଳିଥିବ ସେ ଅନୁପସ୍ଥିତ ଥିବ ତା' ପରଦିନ ପାଳିଥିବା ପିଲାମାନେ ଏହି କାମକୁ କରି ଥାଆନ୍ତି । ଫଳରେ ପିଲାଙ୍କୁ ପାଠପଢ଼ିବା ସହିତ ପରିଷ୍କାର ପରିଚ୍ଛନ୍ନତା ପାଇଁ ସଚେତନ କରାଯାଇଥାଏ ।

## ଶ୍ରୀ ଚୈତନ୍ୟ ଓ ବାବନା ଭୂତ:

ଜଗନ୍ନାଥ ମହାପ୍ରଭୁ ରଥଯାତ୍ରା ଅବସରରେ ଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି । ୯ ଦିନ ପରେ ବାହୁଡା ଯାତ୍ରାରେ ଶ୍ରୀ ମନ୍ଦିରକୁ ଫେରିବା ପରେ ପ୍ରାୟ ବର୍ଷକ ପାଇଁ ପୁଣି ଫାଙ୍କାପଡେ ଗୁଣ୍ଡିଚା ମନ୍ଦିର । 'ନଥିବା ଘରେ ଭୂତ ରଜା' ନୀତିରେ କୁହାଯାଏ ଏହି ସମୟରେ ବାବନାଭୂତ ଫାଙ୍କା ପଡିଥିବା ଗୁଣ୍ଡିଚା ମନ୍ଦିରରେ ଆସ୍ଥାନ ଜମାଇ ଥାଆନ୍ତି । ପୁଣି ରଥଯାତ୍ରା ଆସିଲେ ଚୈତନ୍ୟ ମଠର ସେବକମାନେ ଝାଡୁ ଓ ଠେଙ୍ଗାନେଇ ଗୁଣ୍ଡିଚା ମନ୍ଦିର ସଫା କରିବା ସହିତ ବାବନାଭୂତକୁ ତଡି ଥାଆନ୍ତି । ପ୍ରତିବର୍ଷ ରଥଯାତ୍ରା ପୂର୍ବରୁ ଏହି କାମ ହୋଇଥାଏ । ଷୋଡଶ ଶତାବ୍ଦୀରୁ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ଏହି ଗୁଣ୍ଡିଚା ମନ୍ଦିର ଝାଡୁ ପ୍ରଥା ଚାଲି ଆସୁଛି । ଏହି କାମ କରୁଥିବା ବେଳେ ଚୈତନ୍ୟ ହରିନାମ ନେଉଥିଲେ । ମନ୍ଦିରରୁ ବାହାରୁଥିବା ଧୂଳିକୁ ନିଜ ପିନ୍ଧା ବସ୍ତ୍ରର କାନିରେ ବାନ୍ଧି ଅନ୍ୟତ୍ର ପକାଉଥିଲେ । ପୁରୀରେ ସେହି ପରମ୍ପରା ଚାଲି ଆସୁଛି ଆଜି ମଧ ।

## ଝାଡୁ ପ୍ରସ୍ତୁତି:

ଖଜୁରିପତ୍ରରୁ ଓ ଏହାର ଶୀରାରୁ ଝାଡୁ ସ୍ଥାନୀୟ ନାମ 'କଣ୍ଟା ଛାଞ୍ଚୁଣୀ' ତିଆରି ହୋଇଥାଏ । ପ୍ରଥମେ ଖଜୁରି ଗଛରୁ ଏହାର ବାହୁଙ୍ଗାକୁ କାଟି ଆଣିବାକୁ ହୁଏ । ଏହାକୁ ଖରାରେ ଶୁଖାଇ ସେଥିରୁ ପତ୍ରକୁ ସଂଗ୍ରହ କରାଯାଏ । ପତ୍ରକୁ ଚିରି ଝାଡୁ ପ୍ରସ୍ତୁତ କରାଯାଏ । ଘରର ପୁରୁଷ ଲୋକମାନେ ଗାଁଠାରୁ ଦୂର ଅଞ୍ଚଳରୁ ଖଜୁରିପତ୍ର ସଂଗ୍ରହ କରନ୍ତି । ବେଳବେଳେ ଖଜୁରୀ ଗଛ ମାଲିକଙ୍କ ଠାରୁ ପତ୍ର କିଣିବାକୁ ପଡିଥାଏ । ସ୍ତ୍ରୀ ଲୋକମାନେ ଏହାକୁ ଶୁଖାଇ ଝାଡୁ ତିଆରି କରି ଥାଆନ୍ତି । ପରେ ଝାଡୁକୁ ନେଇ ଗାଁ ଗାଁ ବୁଲି ବିକ୍ରୟ କରି ଥାଆନ୍ତି ।

## ଫୁଲ ଝାଡୁ:

କେବଳ ଘର ଓଳାଇବା ନୁହେଁ ରାଜମିସ୍ତ୍ରୀମାନେ କାନ୍ଥକୁ ପ୍ଲାଷ୍ଟର କରିବା ବେଳେ ଛୋଟ ଛୋଟ ବାଲିକଣାକୁ ଛାଡିବାକୁ ଫୁଲ ଝାଡୁର ବ୍ୟବହାର କରନ୍ତି । ସ୍ୱତନ୍ତ୍ର ଘାସ ଜାତୀୟ ଫୁଲଗଛରୁ ଏହା ପ୍ରସ୍ତୁତ ହୋଇଥାଏ । ଏହାର ଅଗକୁ ଆଣି ଝାଡୁ ବୁଣାଯାଏ । କେତେକ ସ୍ଥାନରେ ଏହାକୁ ଏକ କୁଟୀର ଶିଳ୍ପ କରାଯାଇଛି । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଭ୍ୟାମାନେ ମୁଖ୍ୟତଃ ଆଦିବାସୀ ଜନଜାତିର ମହିଳା ଏହି ଚାଷ ଓ ଫୁଲଝାଡୁ ତିଆରି କରି ଆତ୍ମ ନିର୍ଭରଶୀଳ ହେଉଛନ୍ତି । ବିଭିନ୍ନ ବଜାରରେ ବର୍ଷ ତମାମ ଫୁଲ ଝାଡୁ ବିକ୍ରୀ ହେଉଥିବା ବେଳେ କଟକ ବାଲିଯାତ୍ରାରେ ଏହାର ବ୍ୟବସାୟ ଭଲ ହୋଇଥାଏ ।

## ଝାଡୁ ଓ ଲୋକକଥା:

ଝାଡୁକୁ ନେଇ ରହିଛି ଅନେକ ଲୋକକଥା । ଘରେ ସନ୍ଧ୍ୟାବତୀ ଲାଗିବା ପରେ ଘର ଝାଡୁ କରାଯାଏ ନାହିଁ । ଯେପରି ଦୁଇଟି ଝାଡୁକୁ ପାଖାପାଖି ଲଗାଇ ରଖିଲେ ଏହା କଳହର ସୂଚନା ଦିଏ । ସେହିପରି ଘରର ଝାଡୁକୁ ଏକ ସର୍ବସାଧାରଣ ସ୍ଥାନରେ ରଖାଯାଇ ନଥାଏ । ବରଂ ଏହାକୁ ଏକ ନଜରଠାରୁ ଦୂର ସ୍ଥାନରେ ଅବା ଘରର କେଉଁ ଏକ କୋଣରେ ରଖାଯାଇଥାଏ ।





## ସ୍ୱଚ୍ଛ ଭାରତ ଅଭିଯାନ:

କେନ୍ଦ୍ର ସରକାରଙ୍କ ପକ୍ଷରୁ ସମଗ୍ର ଦେଶରେ ସ୍ୱଚ୍ଛ ଭାରତ ଅଭିଯାନ ଆରମ୍ଭ ହୋଇଛି । ଏଥିରେ ବିଭିନ୍ନ ସମୟରେ ଲୋକମାନେ ମିଳିମିଶି ନିଜର ପରିବେଶ, ରାସ୍ତା, ବଜାର, ଡାକ୍ତରଖାନା, ବିଦ୍ୟାଳୟ ଆଦିକୁ ଝାଡୁରେ ପରିଷ୍କାର କରୁଛନ୍ତି । ଭାରତବର୍ଷରେ ଏହା ଏକ ପାଇଲଟ୍ ପ୍ରୋଜେକ୍ଟ ଭାବରେ ପ୍ରମୁଖ ଜନସଚେତନତା ସୃଷ୍ଟି କରିବାର ଭୂମିକା ନେଇଥିଲା ।

## ପ୍ଲାଷ୍ଟିକ ଝାଡୁ ଓ ରୋବର୍ଟ:

ସମୟ ବଦଳିଛି । ଯେତେ କ୍ଷତିକାରକ ହେଲେ ମଧ୍ୟ ଏବେ ପ୍ଲାଷ୍ଟିକ ତିଆରି ଝାଡୁର ବ୍ୟବହାର ଅଧିକ ହୋଇଛି । ଏହା ଦୀର୍ଘସ୍ଥାୟୀ ଓ ହାଲୁକା ହେବା ସହିତ ଦାମ୍ ମଧ୍ୟ କମ୍ ରହୁଛି । ପାଣିରେ ଓଦା ହେଲେ ମଧ୍ୟ ନଷ୍ଟ ହେଉନାହିଁ । ବିଦେଶରେ ଘର ସଫାକରିବା କାମରେ ଭେକ୍ୟୁମ୍ କ୍ଲିନର ଓ ରୋବର୍ଟର ବ୍ୟବହାର ହେଉଛି ।

ମୋ-୯୪୩୭୭୨୭୫୨୧



# ମନକୁ ଆସିଲା ଯାହା ୮୧

# ବଡ ବିଚିତ୍ର ଏ ଦୁନିଆ



ସୌମ୍ୟଶ୍ରୀ ପାଣିଗ୍ରାହୀ

ଅନେକ ବେଳୁ ଛିଡା ହେଇଛି ସେ । ମୁଁ ଅଫିସର କାଚଝର୍କାବାଟେ ଠିକ ଦେଖି ପାରୁଛି ତାକୁ । ଗତ ଘଣ୍ଟାଏରୁ ଅଧିକ ସମୟ ହେବ ନିଜ ରିକ୍ସା ପାଖରେ ସେ ଛିଡା ହେଇଛି । କେତେବେଳେ ଖରାରୁ ବର୍ତ୍ତିବା ପାଇଁ ସିଟ୍ ଉପରକୁ ଚଢି ଯାଉଛି ତ' ପୁଣି କେତେବେଳେ ଓହ୍ଲେଇ ପଡି କାନ୍ଧର ନାଲି ଗାମୁଛାରେ ଦେହମୁଣ୍ଡ ପୋଛି ପକାଉଛି । ଯା ଭିତରେ ୨-୪ ଥର ପ୍ଲାଷ୍ଟିକ ବୋତଲରୁ ୨-୪ ଢୋକ ପାଣି ବି ପିଇ ସାରିଲାଣି । ଏତେ ଟାଣ ଖରାରେ ରିକ୍ସାବାଲାଟି କୁଆଡେ ନଯାଇ କାହାକୁ ଅପେକ୍ଷା କରିଛି । ମୁଁ ଆଉ ସମ୍ଭାଳି ପାରିଲିନି । ଉଠି ଚାଲିଗଲି ତା' ପାଖକୁ, ପଚାରିଲି ସେ ଗଛତଳ ଛାଇକୁ ଯାଉନି କାହିଁକି ? ଆମ ଅଫିସକୁ ଆସିଥିବା କେହି ଜଣେ ବାବୁ ତାକୁ ସେଠି ଅପେକ୍ଷା କରେଇ ଯାଇଛନ୍ତି । ଦର ଛିଣ୍ଡିଥିଲା ୩୦ ଟଙ୍କା, କିନ୍ତୁ 'ଏଇ ଆସୁଛି' କହିଦେଇ ବାବୁ ଜଣକ ଯାଇଛନ୍ତି ଯେ, ଏଯାଏଁ ଫେରିନାହାନ୍ତି । ଏପଟେ ଅପେକ୍ଷାରେ ଅଛି ରିକ୍ସାବାଲା, ବାବୁ ଆସିବେ, ପଇସା ଦେବେ । ମୁଁ ଜାଣିଗଲି କେହିଜଣେ ଠକି ସାରିଛି ଗରୀବ ରିକ୍ସାବାଲାଟିକୁ । ପକେଟରୁ କାଢି ୫୦ ଟଙ୍କିଆ ନୋଟଖଣ୍ଡେ ତା' ହାତକୁ ବଢେଇ ଦେଇ ମିଛ କହିଲି, 'ନିଅ, ସେଇ ବାବୁ ପଠେଇଛନ୍ତି, ମୋ ହାତରେ ।' ମନେମନେ ଧିକ୍କାର କରୁଥିଲି ସେଇ ବାବୁ ଜଣଙ୍କୁ କିନ୍ତୁ ଭାବୁଥିଲି, ଜଣେ ଠକ ମଣିଷ ପାଇଁ ଏଇ ସରଳ ରିକ୍ସାବାଲାଟିର ସବୁ ମଣିଷଙ୍କ ଉପରୁ ବିଶ୍ୱାସ ତୁଟି ନଯାଉ । ଝାପ୍ସା ମନେପଡୁଥିଲା କାହାଣୀଟିଏ, ଯେଉଁଥିରେ ଏକ ବୁଢୀ ମାଉସୀ ଷ୍ଟେସନ ସାମ୍ନାରେ ଦିନ ତମାମ ବସିସାରିବା ପରେ ବି' ନଉଠିବାରୁ ଷ୍ଟେସନମାଷ୍ଟର ଡ୍ୟୁଟି ସାରି ଘରକୁ ଫେରିବା ବେଳେ, ପାଖକୁ ଯାଇ ପଚାରିଲେ, 'ମାଉସୀ ଏଠି ଏତେ ସମୟ ହେଲା ବସିଛ କାହିଁକି ।' ବୁଢୀଟି କହିଲା, 'ରୁହ, ମୋ ପୁଅ ଟିକେଟ କରିବାକୁ ଯାଇଛି ପରା । ବାପା ମରିଗଲା ପରେ ତୁଠ କାମକୁ ଆସିଥିଲା । ଘରବାଡି ସବୁ ବିକିଦେଇ ମୋତେ ସବୁଦିନ ପାଇଁ ଦିଲ୍ଲୀ ନେଇଯିବ, ସେଇଠି ଆମେ ସବୁ ସାଙ୍ଗରେ ରହିବୁ ।' ଷ୍ଟେସନ ମାଷ୍ଟର ଚାହିଁ ମଧ୍ୟ କହିପାରୁ ନଥିଲେ ଯେ,'ମାଉସୀ, ପୁଅ ଆଉ ଆସିବନି ଓ ଦିଲ୍ଲୀ ଯିବାର ଶେଷ ଗାଡି କେତେବେଳୁ ଯାଇସାରିଲାଣି ।'

କୁଆଡେ ହଜିଗଲା ଆମ ମଣିଷପଣିଆ । କେତେ ସହଜରେ ଆମେ ଅନ୍ୟମାନଙ୍କୁ ଛଦ୍ମବେଶରେ ଛଳନା କରି ବୋକା ବନେଇ ପାରୁଛୁ । କେତେବାଟରେ କେତେ ଫନ୍ଦିଫିକର କରି କେମିତି ଅନ୍ୟକୁ ଲୁଟି ପାରିବ, ଠକି ପାରିବ ତା'ର ନକ୍ସା ବନେଇବାରେ ଓସ୍ତାଦ ସମସ୍ତେ । ହଁ, ବେଳେବେଳେ ଅଜାଣତରେ ବି କିଛି କିଛି ଭୁଲ ହୋଇଯାଏ । ଯେମିତି ବସନ୍ତ ଶତପଥୀଙ୍କ 'ତେର ମିନିଟ' ଗପର ନାୟକ । ଟଙ୍କା କେଇଟା ବଞ୍ଚେଇବ ବୋଲି ଲେଖକ ବସ୍‌ରେ ନଯାଇ ଟ୍ରେନରେ ଯିବ ବୋଲି ରିକ୍ସାଧରେ ଯେ, ଷ୍ଟେସନ ପହଞ୍ଚିବାକୁ ହାତରେ ଥାଏ ମାତ୍ର ୧୩ ମିନିଟ । ଟ୍ରାଫିକ୍ ଭିଡରେ ବି ନିରୀହ ଆଦିବାସୀ ରିକ୍ସାବାଲାଟି ପ୍ରାଣମୂର୍ଚ୍ଛା ଉଦ୍ୟମ କରେ । ପେଡାଲ ଉପରେ ନିଜ ଜୀବନକୁ ବାଜିଲଗେଇ, ପାଣି ମୁନ୍ଦେ ବି ନପିଇ ପହଞ୍ଚେଇଦିଏ ଷ୍ଟେସନରେ । ଲେଖକ ଗଡ ଜିତିବାର ବିଜୟୋଲ୍ଲାସରେ ଖପ୍ କରି ଡେଇଁପଡି ଛାଡ଼ିସାରିଥିବା ଟ୍ରେନରେ ଚଢିଯାଆନ୍ତି ସିନା, ପଛରେ ପଡିଥିବା ରିକ୍ସାବାଲାର ନିସ୍ପନ୍ଦ ଶରୀରରେ ପ୍ରାଣ ଅଛି କି ନାହିଁ ଦେଖିନାହାନ୍ତି ତ' । ଏତିକିବେଳେ ମନେପଡେ ଭଡା ନଦେଇଥିବାର କଥା । ମାତ୍ର ସେତେବେଳକୁ ରିକ୍ସାବାଲା ଆଉ ସେଠି ଥାଏ କି ? ବଡ ଚମତ୍କାର ଗପର ଏମିତି ଅପ୍ରତ୍ୟାଶିତ ପରିସମାପ୍ତି ।

ଗପରୁ ବାହାରି ସତ ଦୁନିଆକୁ ଆସିଲେ ମିଳିବେ ଏମିତି ଏନେକ ଚରିତ୍ର, ଯେଉଁମାନେ ଅନ୍ୟକୁ ବୋକା ବନେଇବାକୁ କିଛି ବି କରିପାରନ୍ତି । ଅବଶ୍ୟ ଗୋଟେ ପାଖରେ ଥାଏ ନିଜର ଆବଶ୍ୟକତା । ଅନ୍ୟପାଖରେ ଥାଏ ନିଜର ନୈତିକତା ଓ ସଙ୍କୋଚପଣିଆ ସହ ଆର୍ଥିକ ଆବଶ୍ୟକତା ପୂରଣ କରିବାର ଜିଦ । ଏମିତିକିଛି ଚରିତ୍ରକୁ ଆପଣଙ୍କ ସାମ୍ନାକୁ ଆଣିବି ନିଶ୍ଚୟ । ବଡ ଉଦ୍ଭଟ ସେମାନଙ୍କର କାରନାମା ସବୁ ଓ ବଡ଼ ଅଦ୍ଭୁତ ସେମାନଙ୍କର ଆଚରଣ ଓ ଉଚ୍ଚାରଣ ।

ଯେମିତି ଜାପାନର ସୋଜି ମୋରିମୋତୋ । ନିଜର ଆଳସ୍ୟ ଯୋଗୁଁ ଚାକିରୀରୁ ତଡା ଖାଇଲାପରେ ବଞ୍ଚିବାର ରାହା ନପାଇ ଆରମ୍ଭ କଲେ ଏକ ଅଦ୍ଭୁତ ବ୍ୟବସାୟ । ବଡ଼ ଉଦ୍ଭଟ ବିଜ୍ଞାପନ ତାଙ୍କର । ନିଜକୁ କିଛି ଅର୍ଥ ବିନିମୟରେ ଭଡା ଲଗେଇବେ । ଅନ୍ୟ କାହାପାଇଁ ଧାଡିରେ ଛିଡା ହୋଇ ଅପେକ୍ଷା କରିବା ହେଉ କି କାହାର ନିଃସଙ୍ଗତା ଦୂର କରିବାକୁ ତା ସହ ଆବୁରୁଜାବୁରୁ କଥା ହେବା ହେଉ । ସେ ନିଜକୁ ଏମିତି ଭଡାରେ ଲଗେଇ ରୋଜଗାର କରୁଛନ୍ତି ବାର୍ଷିକ ୮ ଲକ୍ଷ ଜୁଆନରୁ ଅଧିକ । ମୋର ମନେପଡୁଛି ବାରବାଟି ଷ୍ଟାଡିୟମରେ ମ୍ୟାଚ ପୂର୍ବରୁ ଟିକେଟ ବିକ୍ରିବେଳେ ଏମିତି କା' ହେଇ ରାତିସାରା ଠିଆ ହୋଇଥିବା ମାଉସୀମାନଙ୍କ କଥା । ଟଙ୍କା ନେଇ ଏମିତି ଧାଡିରେ ଛିଡା ହେଉଥିବା ଅନେକ ସ୍ୱେଚ୍ଛାସେବୀଙ୍କୁ ଆମେ ଭେଟିଥିଲୁ ନୋଟବନ୍ଦୀ ସମୟରେ ବ୍ୟାଙ୍କ ସାମ୍ନା ଲମ୍ବା ଧାଡିରେ । ଅନ୍ୟକାହା ପାଇଁ 'ଡାକ ବମ' ହେଇ ଶିବଙ୍କ ମୁଣ୍ଡରେ ପାଣି ଢାଳିବାକୁ ଯାଉଥିବା କାଉଡିଆ ବ୍ୟବସ୍ଥା ତ' ଆମ ଦେଶରେ ଅନେକ ଆଗରୁ ଅଛି ।

ଏବେପୁଣି କାନାଡାର ଝିଅ ମୋନିକ ଜେରେମିଆଙ୍କ କାହାଣୀ ସାମ୍ନାକୁ ଆସିଛି । ସେ ପାଠପଢିବାକୁ ଅର୍ଥ ଆବଶ୍ୟକ କରୁଥିବାବେଳେ ମୁଣ୍ଡକୁ ଜୁଟିଲା ଉପାୟଟିଏ । ନିଜ ଛୋଟିଆ ଭଡାଘରର ବିଛଣାରେ ସେ ଏକା ଶୋଉଛନ୍ତି । ବାକି ଅଧକ ଭଡା ଲଗେଇଦେଲେ କେମିତି ହୁଅନ୍ତା ? ନିୟମ କିନ୍ତୁ ଗୋଟିଏ । ଶଯ୍ୟାଟି କେବଳ ରାତିକ ଶୋଇବା ପାଇଁ । ଦେହସୁଖ କି ଯୌନଲାଳସା ପୂରଣ ପାଇଁ ତ ଆଦୌ ନୁହେଁ । ହଁ, ଶେଜ ମଝିରେ ତକିଆ ପଡିବ ଓ ଅତିବେଶୀରେ ଅଧିକ କିଛି ଅର୍ଥ ବିନିମୟରେ କେବଳ ଆଲିଙ୍ଗନ ହିଁ କରିପାରିବ ଜଣେ । ଏମିତି ଏକ ରୋଚକ ବିଜ୍ଞାପନର ଉତ୍ତର ଆସୁଛି ଅନେକ । ଏହି ଉଦ୍ଭଟ ଅନୁଭୂତି ନେବା ପାଇଁ ବି ଧାଡିଲଗାଉଛନ୍ତି ଲୋକ । ଏବେ ବି ଶତାଧିକ ଆବେଦନ ପଡ଼ିରହିଛି । ଏହି ବିଜ୍ଞାପନ ପାଇଁ ଜେରେମୀଙ୍କ ପାଠପଢା ଖର୍ଚ୍ଚ ତ ଉଠିଗଲା ।

ସେମିତି ପୁଣି କାଇଲ ମ୍ୟାକଡୋନାଲ୍ଡ ଙ୍କ କଥା । ସେ ବାସ୍ତବରେ କିଛି ନକରି ଆଜି ଗୋଟେ ୩ ମହଲା ଘରର ମାଲିକ ହୋଇପାରିଛନ୍ତି । ପ୍ରଥମେ କେବଳ ଗୋଟେ ଛୋଟ ନାଲି ପେପରକ୍ଲିପ ବା ସେପ୍ଟିପିନକୁ ଆଉ ଜଣକୁ ଦେଇ ବିନିମୟରେ ଆଣିଥିଲେ ଗୋଟେ ଷ୍ଟେପଲର । ପୁଣି ଆଉ ଜଣକୁ ସେଇ ଷ୍ଟେପଲର ଦେଇ ବିନିମୟରେ ଆଣିଲେ ବହିଟିଏ । ପୁଣି ସେହି ବହିକୁ ଆଉ ଜଣକୁ ... ଆଉ ଜଣକୁ । ଏମିତି ହେଇ ହେଇ ଜିନିଷର ମୂଲ୍ୟ । ଆକୃତି ବଢି ଚାଲିଲା ଏବଂ ଏହି କ୍ରମରେ ଏବେ ସେ ଜଣକୁ ନିଜର ବିଳାସମୟ ଭ୍ୟାନିଟି ଭ୍ୟାନ(ବସ୍)ଟି ଦେଇ ବିନିମୟରେ ପାଇଛନ୍ତି ୩ ମହଲା ଘରଟିଏ । ଆରମ୍ଭ ହେଇଥିଲା ଏ ଅଦ୍ଭୁତ ଖିଆଲ ଗୋଟେ ସାମାନ୍ୟ ସେଫ୍ଟିପିନରୁ ।

ଦେଖିଲ ତ କହି ଜାଣିଲେ କଥା ସୁନ୍ଦର, ନ୍ୟାୟରେ ନିଜକୁ ବିଜ୍ଞାପିତ କରି ଜାଣିଲେ କିଛିବି ଅସମ୍ଭବ ନୁହେଁ । ମୁଁ ବି ଭାବୁଛି ଛୋଟ କିଛି ଜିନିଷ ଯେମିତିକି କାଗଜ ଖଣ୍ଡେ କି କାଚଗୁଲି ଗୋଟେରୁ ଆରମ୍ଭ କରିବି ମୋର ବିନିମୟର ଯାତ୍ରା । ଦେଖିବା, ଭବିଷ୍ୟତରେ ମୁଁ କେଉଁଠି ପହଞ୍ଚୁଛି କି କେତେ ବଡ ଓ ମୂଲ୍ୟବାନ ଜିନିଷ ହାତେଇ ପାରୁଛି । ଯଦି ସେମିତି ହୁଏ, ତେବେ ଆପଣ ମୋ ସହ କଣ ବିନିମୟ କରିବେ ? ଆସନ୍ତୁ ବିଶ୍ୱ ବିପଣୀରେ ନିଜକୁ ନିଲାମ କରିଦେବା, ନା କଣ କହୁଛନ୍ତି ?

ଛାଇ, ଜଗନ୍ନାଥ ବିହାର
ଭଦ୍ରକ, ମୋ- ୭୦୦୮୬୦୧୧୬୧

ଫ୍ୟାସନ୍

# ନିମ୍ବପତ୍ର ଏବଂ ଲବଙ୍ଗ ଫେସ୍ ପ୍ୟାକ୍

**ଚେହେରାରେ ବ୍ରଣର ସମସ୍ୟା ଦ୍ୱାରା ସମସ୍ତେ ଅସୁବିଧାରେ ପଡ଼ନ୍ତି। ଯଦି ଗୋଟିଏ କିମ୍ବା ଦୁଇଟି ପିମ୍ପଲ୍ ମୁହଁରେ ଦେଖାଯାଏ ତେବେ ଏହା ସାଭାବିକ। କିନ୍ତୁ ମୁହଁରେ ବାରମ୍ବାର ପିମ୍ପଲ୍ ଦେଖାଯିବା ହେତୁ ତ୍ୱଚାର ରଙ୍ଗ ମଧ୍ୟ କମିଯାଏ। ପିମ୍ପଲ୍ କାରଣରୁ ନାଲି ଚିହ୍ନ ଏବଂ ଦାଗ ମଧ୍ୟ ଚେହେରାରେ ଦେଖାଯାଏ। ସେଥିପାଇଁ ଘରୋଇ ଉପଚାରରେ ନିମ୍ବପତ୍ର ଏବଂ ଲବଙ୍ଗର ଫେସ୍ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ନିମ୍ବପତ୍ରରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ଏବଂ ଲବଙ୍ଗରେ ଆଣ୍ଟି-ଇନ୍ଫ୍ଲାମେଟୋରୀ ଗୁଣ ପ୍ରଚୁର ପରିମାଣରେ ଥାଏ। ଯାହା ଚର୍ମକୁ ଗଭୀର ଭାବରେ ସଫା କରି ପିମ୍ପଲ୍‌କୁ ନିୟନ୍ତ୍ରଣ କରିଥାଏ।**





କେବଳ ମଇଳା ଯୋଗୁଁ ପିମ୍ପଲ୍ ହୁଏ ନାହିଁ। ସ୍କିନ୍‌ରେ ଅତ୍ୟଧିକ ଅଏଲ୍ ଏବଂ ପୋରସ୍ ସମ୍ବନ୍ଧୀୟ କାରଣରୁ ପିମ୍ପଲ୍ ହୋଇଥାଏ। ତେଣୁ ଚେହେରାକୁ ସଫା ରଖିବା ଦ୍ୱାରା ପିମ୍ପଲ୍ ଭଳି ସମସ୍ୟା ଦୂର ହୁଏ। ସେହିଭଳି ଲବଙ୍ଗ ତେଲ ଏବଂ କର୍କୁମିନ୍ ଦ୍ୱାରା ନିର୍ମିତ ଏକ ସ୍ୱତନ୍ତ୍ର ଜେଲ୍‌କୁ ପିମ୍ପଲ୍ ପାଖରେ ଲଗାଇବେ। ଯାହା ଫଳରେ ପିମ୍ପଲ୍ ସମସ୍ୟା କମ୍ ହୋଇଥାଏ।

ନିମ୍ବପତ୍ର ଏବଂ ଲବଙ୍ଗ ଫେସ୍ ପ୍ୟାକ୍ କିପରି ପ୍ରସ୍ତୁତ କରିବେ। କିଛି ନିମ୍ବପତ୍ରକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହାକୁ ଗ୍ରାଇଣ୍ଡିଂ କରି ଗୋଟିଏ ଗିନାକୁ କାଢ଼ି ଦେବେ। ସେହି ପ୍ୟାକ୍‌ରେ ଲବଙ୍ଗ ପାଉଡ଼ର ଏକ ଚୁଟକି ମିଶାଇ ରଖନ୍ତୁ। ପ୍ୟାକ୍ ଲଗାଇବା ପୂର୍ବରୁ ମୁହଁକୁ ଭଲ ଭାବରେ ଧୋଇ ନିଅନ୍ତୁ। ମୁହଁରେ ଏକ ପତଳା ସ୍ତରରେ ଏହି ପେଷ୍ଟ୍‌କୁ ଲଗାନ୍ତୁ। ଲଗାଇବାର ପ୍ରାୟ ୧୦ ମିନିଟ୍ ପରେ ମୁହଁ ଧୋଇ ଦେବେ। କିଛି ସମୟ ପରେ ଯେତେବେଳେ ମୁହଁ ଶୁଖିଲା ଲାଗିବ ସେତେବେଳେ ମଶ୍ଚରାଇଜର ଲଗାଇପାରିବେ। ଏହି ନିମ୍ବପତ୍ର ଏବଂ ଲବଙ୍ଗ ଫେସ୍ ପ୍ୟାକ୍‌କୁ ୧୦ରୁ୧୫ ଦିନ ମଧ୍ୟରେ ଥରେ ବ୍ୟବହାର କରିପାରିବେ।



ରୋଷେଇ ଘରୁ

# କ୍ରିସ୍ପି ମଶ୍ରୁରୁମ୍ ଷ୍ଟିକ୍



ଆବଶ୍ୟକ ସାମଗ୍ରୀ: ଛତୁ, କ୍ୟାପସିକମ୍, ପିଆଜ, ମଇଦା, କର୍ଣ୍ଣଫ୍ଲୋର୍, କାଶ୍ମିରୀ ଚିଲ୍ଲି, ଗରମ ମସଲା, ଧନିଆ ପାଉଡ଼ର, ଜିରା ପାଉଡ଼ର, ଚାଟ୍ ମସଲା, କସ୍ତୁରୀ ମେଥି, ଲୁଣ, ଅଦା-ରସୁଣ-କଞ୍ଚାଲଙ୍କା ପେଷ୍ଟ, ଷ୍ଟିକ୍, ତେଲ, ବ୍ରେଡ୍‌କ୍ରମ୍ବ।

ପ୍ରଣାଳୀ: ପ୍ରଥମେ ଗୋଟିଏ ଗିନାରେ ପାଣି, ଲୁଣ ଦେଇ ଛତୁ ଧୋଇ ନେବେ। ଏହି ଛତୁକୁ ମଝିରୁ କାଟି ଦୁଇ ଫାଳ କରି ରଖନ୍ତୁ। ସେହିପରି ପିଆଜ, କ୍ୟାପସିକମ୍‌କୁ ମିଡ଼ିୟମ୍ ସାଇଜ୍‌ର କାଟି ଦିଅନ୍ତୁ। ଗୋଟିଏ ଗିନାରେ ମଇଦା, କର୍ଣ୍ଣଫ୍ଲୋର୍, କାଶ୍ମିରୀ ଚିଲ୍ଲି, ଗରମ ମସଲା, ଧନିଆ ପାଉଡ଼ର, ଜିରା ପାଉଡ଼ର, ଚାଟ୍ ମସଲା, କସ୍ତୁରୀ ମେଥି, ଲୁଣ, ଅଦା-ରସୁଣ-କଞ୍ଚାଲଙ୍କା ପେଷ୍ଟ, ପାଣି ଦେଇ ବହଳିଆ ପେଷ୍ଟ ପ୍ରସ୍ତୁତ କରିନେବେ। ଷ୍ଟିକ୍‌ରେ କାଟି ରଖିଥିବା ଛତୁ, ପିଆଜ, କ୍ୟାପସିକମ୍‌କୁ ଗୋଟେ ପରେ ଗୋଟେ ସାଇଜ୍ କରି ଫୁଟେଇ ରଖନ୍ତୁ। ଏହି ଷ୍ଟିକ୍‌କୁ ନେଇ ପ୍ରସ୍ତୁତ କରିଥିବା ପେଷ୍ଟରେ ଭଲ ଭାବେ ବୁଡ଼େଇ ଏହାକୁ ବ୍ରେଡ୍‌କ୍ରମ୍ବରେ ଗଡ଼ାଇ ନେବେ। ଏହିପରି ସବୁ କରିବା ପରେ ଏହାକୁ ଫ୍ରିଜ୍‌ରେ ୧୦ ମିନିଟ୍ ପାଇଁ ରଖିବେ। ଫ୍ରିଜ୍‌ରେ ରଖିବା ଦ୍ୱାରା ଏହାସବୁ ଭଲ ଭାବେ ସେଟ୍ ହୋଇଯାଏ। ଏହି ମଶ୍ରୁରୁମ୍ ଷ୍ଟିକ୍‌କୁ ଫ୍ରିଜ୍‌ରୁ କାଢ଼ି ପ୍ୟାନ୍‌ରେ ତେଲ ଗରମ ହେଲେ ଏହାକୁ ଛାଣିବେ। ଏହାକୁ କ୍ରିସ୍ପି ହେବା ପର୍ଯ୍ୟନ୍ତ ଛାଣନ୍ତୁ। ଏହି କ୍ରିସ୍ପି ମଶ୍ରୁରୁମ୍ ଷ୍ଟିକ୍‌କୁ ଟମାଟୋ ସସ୍ କିମ୍ବା ଚିଲ୍ଲି ସସ୍ ସହିତ ଖାଇବା ପାଇଁ ଦେଇପାରିବେ।

## ସାପ୍ତାହିକ ରାଶିଫଳ



ଜ୍ୟୋତିର୍ବିଦ୍
ବିଶ୍ୱନାଥ ପରିଡ଼ା

ନିମାପଡ଼ା, ପୁରୀ,
ମୋବାଇଲ୍:
୯୭୭୭୨୫୨୨୪୦

**ମେଷ** ପାର୍ଟନରଙ୍କ ସହିତ କଥାବାର୍ତ୍ତା ଆଗକୁ ବଢ଼ିବ। ସହକର୍ମୀଙ୍କ ସହଯୋଗ ପାଇବେ। ପାଠପଢ଼ା ଉପରେ ଧ୍ୟାନ ରହିବ। ଆତ୍ମବିଶ୍ୱାସ ମଜଭୁତ ହେବ। ଦାମ୍ପତ୍ୟ ଜୀବନ ମଧୁର ରହିବ।

**ବୃଷ** ବ୍ୟବସାୟିକ ରଣନୀତି ସଠିକ୍ ବସିବ। ପ୍ରଦର୍ଶନ ଦ୍ୱାରା ପ୍ରଶଂସିତ ହେବେ। ବିଦ୍ୟାର୍ଥୀଙ୍କୁ ବଢ଼ିଆ ପରିଣାମ ମିଳିବ। ପରିବେଶ ଶାନ୍ତ ରହିବ। ସଞ୍ଚୟ ଉପରେ ଅଧିକ ଧ୍ୟାନ ଦେବା ଆବଶ୍ୟକ।

**ମିଥୁନ** ନୂଆ ରଣନୀତିରୁ ଲାଭ ପାଇବେ। ଅଟକିଥିବା କାମ ପୂରା ହେବ। ସିନିୟର୍ସଙ୍କ ପୂରା ସହଯୋଗ ପାଇବେ। ନୂଆ ଉପଲବ୍ଧି ହାସଲ କରିବେ। ଶୁଭ ସମାଚାର ପ୍ରାପ୍ତ ହେବ।

**କର୍କଟ** ନୂଆ କାରୋବାରୀ ଡିଲ୍ ପାଇବେ। ଛାତ୍ରଛାତ୍ରୀଙ୍କ ପରିଶ୍ରମ ସଫଳ ହେବ। ଘରେ ସୁଖ-ସୁବିଧା ମିଳିବ। ପରିଜନଙ୍କ ସହିତ ସମ୍ବନ୍ଧ ପ୍ରଗାଢ଼ ହେବ। ନେଣ-ଦେଣ ସାବଧାନ ହୋଇ କରନ୍ତୁ।

**ସିଂହ** ସମ୍ବାଦ ଶୈଳୀ ଦ୍ୱାରା ନୂଆ ସମ୍ପର୍କ ସ୍ଥାପିତ ହେବ। ଅପ୍ରତ୍ୟାଶିତ ଆର୍ଥିକ ଲାଭ ହୋଇପାରେ। ପ୍ରଭାବ ଓ ପରାକ୍ରମ ବଢ଼ିବ। ଉଚ୍ଚ ଅଧିକାରୀ ପ୍ରଭାବିତ ହେବେ। ଏକାଗ୍ରତା ବଢ଼ିବ।

**କନ୍ୟା** ବ୍ୟବସାୟିକ ଡିଲ୍ ଫାଇନାଲ୍ ହୋଇପାରେ। ପରିଶ୍ରମରୁ ପରିଚୟ ପାଇବେ। ପ୍ରତିଯୋଗୀ ପରୀକ୍ଷା ପାଇଁ ସମୟ ଅନୁକୂଳ। ଘରେ ଧାର୍ମିକ କାର୍ଯ୍ୟର ଆୟୋଜନ ହୋଇପାରେ। ଆମଦାନୀ ହେବ।

**ତୁଳା** ବ୍ୟକ୍ତିତ୍ୱ ଓ ପ୍ରଭାବ ବୃଦ୍ଧି ହେବ। ନୂଆ ଡିଲ୍ସ ଓ ଅନୁବନ୍ଧରେ ସଫଳତା ପାଇବେ। ପରିଶ୍ରମର ସୁଖଦ ପରିଣାମ ପ୍ରାପ୍ତ ହେବ। ପରିବାରରେ ସୁଖ ଓ ସୌହାର୍ଦ୍ଦ ରହିବ। ଅଟକିଥିବା ଧନ ଫେରି ପାଇବେ।

**ବିଛା** ବିଦେଶ ସହିତ ଜଡ଼ିତ କାର୍ଯ୍ୟ ପାଇବେ। ପ୍ରମୋଶନର ମାର୍ଗ ପ୍ରଶସ୍ତ ହେବ। ବିଦେଶରେ ପାଠପଢ଼ା ପାଇଁ ରାସ୍ତା ଖୋଲିବ। ପ୍ରେମ ଜୀବନ ସୁଖମୟ ରହିବ। ନିବେଶ କରନ୍ତୁ।

**ଧନୁ** କାରବାରରୁ ଲାଭ ଉଠେଇବେ। ନୂଆ ପ୍ରୋଜେକ୍ଟ ପାଇଁ ସମୟ ଅନୁକୂଳ। ନୂଆ ଦାୟିତ୍ୱ ମିଳିପାରେ। ଶିକ୍ଷା ସହିତ ଜଡ଼ିତ ପରିଶ୍ରମ ସଫଳ ହେବ। ଶୁଭ କାର୍ଯ୍ୟର ଆୟୋଜନ ହେବ।

**ମକର** ପ୍ରମୋଶନର ନୂଆ ରାସ୍ତା ଖୋଲିବ। ଯୁବାମାନଙ୍କୁ ସକାରାତ୍ମକ ପରିଣାମ ମିଳିବ। ନୂଆ କୋର୍ସ ପାଇଁ ଦିନଟି ଶୁଭ। ନୂଆ ବାହନ, ପ୍ରପର୍ଟି କିଣିବାର ଯୋଗ ରହିଛି। ଉର୍ଜାବାନ ରହିବେ।

**କୁମ୍ଭ** ବିଦେଶୀ ସମ୍ପର୍କ ପାଇଁ ବଡ଼ ଲାଭ ମିଳିବ। ନୂଆ ଡିଲ୍ସ ଫାଇନାଲ୍ କରିବେ। ପ୍ରମୋଶନ ହେବ। ଉଚ୍ଚ ଶିକ୍ଷା ଓ ରିସର୍ଚ୍ଚ ଆଡ଼କୁ ମନ ଦେବେ। ପାରିବାରିକ ନିର୍ଣ୍ଣୟ ସହଜ ହେବ।

**ମୀନ** ବ୍ୟାପାରୀଙ୍କୁ ବଡ଼ ଲାଭ ମିଳିବ। ନୂଆ ଉପଲବ୍ଧି ହାସଲ କରିବେ। ମ୍ୟାନେଜମେଣ୍ଟ, ବ୍ୟାଙ୍କିଙ୍ଗ୍ ଲୋକମାନେ ବିଶେଷ ଲାଭାନ୍ୱିତ ହେବେ। ସମ୍ପତ୍ତି ସହିତ ମାମଲା ଉପରେ ସକାରାତ୍ମକ ନିର୍ଣ୍ଣୟ ନେବେ।

■ ସଂସ୍କୃତି ଓ ପର୍ଯ୍ୟଟନ

# ଗଡ଼ଗଡ଼ିଆ ଘାଟ



■ ବିକ୍ରମ ମହାପାତ୍ର

ମହାନଦୀର କୂଳରେ ଗଡ଼ଗଡ଼ିଆ ଘାଟ । ଏହି ଘାଟକୁ ଛୁଇଁଛି ମହାନଦୀ ରିଂ ରୋଡ଼ । ଏମିତିରେ ଦେଖିଲେ ପୃଥିବୀ ସମୃଦ୍ଧଶାଳୀ ହୋଇଛି ନଦୀ, ଉପତ୍ୟକା ସଭ୍ୟତାକୁ ନେଇ । ଉଦାହରଣ ବଶତଃ ଟାଇଗ୍ରୀସ, ୟୁଫ୍ରେଟିସ ନଦୀ କୂଳରେ ମେସୋପୋଟାମିଆ ସଭ୍ୟତା, ନୀଳନଦୀ କୂଳରେ ମିଶର ସଭ୍ୟତା, ଟେମସ୍ ନଦୀ କୂଳରେ ଲଣ୍ଡନ, ଟାଇବର ନଦୀ କୂଳରେ ରୋମ ଆମ ଭାରତ କଥା ଦେଖିଲେ ଗଙ୍ଗାନଦୀ କୂଳରେ ବାରଣାସୀ ଠାରୁ କୋଲକାତା ଓ ପାଟଣା ସହର ସମୃଦ୍ଧ ଓ ବିତ୍ତଶାଳୀ ମଧ୍ୟ । ମାଦଳା ପାଞ୍ଜି ତଥା ବିଭିନ୍ନ କିମ୍ବଦନ୍ତୀ ତଥା ଜନକଥାକୁ ଦେଖିଲେ ୯୮୯ ଖ୍ରୀଷ୍ଟାବ୍ଦରେ କଟକ ନଗରକୁ ସୋମବଂଶୀ ନୃପକେଶରୀ ଗଢ଼ିଥିଲେ । ପରବର୍ତ୍ତୀ ସମୟରେ ସହରକୁ ବନ୍ୟା ବିପର୍ଯ୍ୟୟରୁ ବଞ୍ଚାଇବା ପାଇଁ ମର୍କତକେଶରୀ



୧୦୦୬ ଖ୍ରୀଷ୍ଟାବ୍ଦରେ କେବଳ କାଠଯୋଡ଼ି ପଥର ବନ୍ଧ ନୁହେଁ ବରଂ ମହାନଦୀର କୂଳରେ ଅନେକ ନଦୀଘାଟ ସ୍ଥାପନ କରିଥିଲେ । ଅନଙ୍ଗଭୀମ ଦେବ ୧୨୦୯ ଖ୍ରୀଷ୍ଟାବ୍ଦରେ ଇତିହାସ ପ୍ରସିଦ୍ଧ ବାରବାଟୀ ଦୁର୍ଗ ସ୍ଥାପନ କରିଥିଲେ ।

ମହାନଦୀର ଶାଖା ନଦୀ କାଠଯୋଡ଼ିର କୂଳରେ ଚହଟାଘାଟ, ଗଣେଶଘାଟ, ଦେବୀଗଡ଼ା, ପୁରୀଘାଟ, ଖାନନଗର ଘାଟ ନିର୍ମାଣ ହୋଇଛି । ସେହିପରି ଅପରପଟକୁ ଦେଖିଲେ ମହାନଦୀର କୂଳେ କୂଳେ ଚହଟା, ମାତାମଠ, ଯୋବ୍ରାଘାଟ ଓ ଫାଶୀ ଦିଆବର ଘାଟ ସବୁ ରହିଛି । ଏକଦା କାଠଯୋଡିରେ ବ୍ରିଜ ତିଆରି ହୋଇନଥିବାରୁ ଫ୍ୟାରେଦ ରୋଡ଼ରେ ଲୋକ ଯିବା ଆସିବା କରୁଥିଲେ । ଏକଦା ଆଜି ଯେଉଁଠି ଗଡ଼ଗଡ଼ିଆ ଘାଟ ରହିଛି ଏହି ଅଞ୍ଚଳଟି ଘଞ୍ଚ ଜଙ୍ଗଲ ଓ ଶ୍ୱାପଦ ଶଙ୍କୁଳ ଥିଲା । ଏହି ଗଡ଼ଗଡ଼ିଆ ଘାଟରୁ ହିଁ ଘାଟ ଡଙ୍ଗା ଦ୍ୱାରା ବିଦେଶରୁ ଅନେକ ଜିନିଷ କଟକକୁ ଓ କଟକ ସହରରୁ ପାରାଦ୍ୱୀପକୁ ବାଣିଜ୍ୟ କାରବାର ହେଉଥିଲା । ବର୍ତ୍ତମାନର କାଳର କରାଳ ଗର୍ଭରେ ଓ ନଦୀର ପ୍ରାକୃତିକ ବିପର୍ଯ୍ୟୟ ଫଳରେ ଏହି ଘାଟଟି କେବଳ ସ୍ମୃତିର ସ୍ମାରକୀ ହୋଇରହିଛି । ଉତ୍କଳ ନୌବାଣିଜ୍ୟର ପ୍ରସିଦ୍ଧ ଘାଟଟି ଏହା ହିଁ ଥିଲା । ତେବେ ଏହାର ନାମ ଗଡ଼ଗଡ଼ିଆ ହୋଇଥିବା ସମ୍ପର୍କରେ ଅନେକ ଭିନ୍ନ ଭିନ୍ନ କାହାଣୀ ସବୁ ଶୁଣାଯାଏ । କେହି କେହି କୁହନ୍ତି ୧୫୧୦ ଖ୍ରୀଷ୍ଟାବ୍ଦରେ ଶ୍ରୀଚୈତନ୍ୟ ନଦୀବନ୍ଧରୁ ଗଡ଼ି ଗଡ଼ି ଏହି କ୍ଷେତ୍ରରେ ପହଞ୍ଚିଥିଲେ । ଅନ୍ୟ ଏକ ତଥ୍ୟ ମୁତାବକ ଶ୍ରୀଚୈତନ୍ୟ ୧୫୧୦ ଖ୍ରୀଷ୍ଟାବ୍ଦରେ କୁମାର ପୂର୍ଣ୍ଣିମା ଦିନ ଗଡ଼ଗଡ଼ିଆ ଘାଟରେ ପଦାର୍ପଣ କରିଥିଲେ । ଅନ୍ୟ କେତେକ କିମ୍ବଦନ୍ତୀର ତଥ୍ୟ ଅନୁଯାୟୀ ରାଜା ପ୍ରତାପରୁଦ୍ର ଦେବ ବାରବାଟୀ ଦୁର୍ଗରେ ରହୁଥିବା ସମୟରେ ଦୁର୍ଗ ବା ଗଡ଼ର ରକ୍ଷା ନିମିତ୍ତ ଗଡ଼ଗଡ଼େଶ୍ୱରଙ୍କୁ ସ୍ଥାପନ କରିଥିଲେ । ସେ ହେଉଛନ୍ତି ଗଡ଼ଗଡ଼େଶ୍ୱର ମହାଦେବ । ଅଚ୍ୟୁତାନନ୍ଦ ଉଲ୍ଲେଖ କରିଛନ୍ତି – 'ଗଡ଼ଗଡ଼ିଆ ମହାଦେବ ସେ ଦିନ ବାହାର ହୋଇବ । ବୁଲି ଦେଖ ଗଡ଼ଗଡ଼ିଆ ବେଢ଼ା, ଦେଉଳ ଉପରେ ଦେଉଳ ଗଢ଼ା ।'

ଗଡ଼ଗଡ଼ିଆ ସହିତ ଅନ୍ୟ ଏକ ସମ୍ପର୍କ ହେଉଛି ବାଲିଯାତ୍ରା । ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ଦିନ ମହାନଦୀ କୂଳରେ ଗଡ଼ଗଡ଼େଶ୍ୱର ମହାଦେବଙ୍କ ଆସ୍ଥାନ ସ୍ଥଳୀ ସାମ୍ନାରେ ବାଲିଯାତ୍ରା ଅନୁଷ୍ଠିତ ହୋଇ ଆସୁଛି । ଦିନ ଥିଲା ଉତ୍କଳର ସାଧବ ପୁଅ ନୌବାଣିଜ୍ୟରେ ଜାଭା ଠାରୁ ବାଲି, ସିଂହଳ ଠାରୁ ବ୍ରହ୍ମଦେଶ, ସୁମାତ୍ରା ଠାରୁ କାମ୍ବୋଡ଼ିଆ ପର୍ଯ୍ୟନ୍ତ ନିଜ ବେପାର ବାଣିଜ୍ୟ





କରୁଥିଲେ । ଗଡ଼ଗଡ଼ିଆଘାଟ ଠାରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା ପ୍ରାଚୀନ ଉତ୍କଳୀୟ ଚେତନାକୁ ଜାଗରିତ ଓ ସ୍ମରଣୀୟ କରିଥାଏ । ଅତୀତ ଗୌରବକୁ ସ୍ମରଣ କରିବା ଲାଗି ପୁଣ୍ୟ କାର୍ତ୍ତିକ ପୂର୍ଣ୍ଣିମାର ପ୍ରଭାତରେ ନଦୀ ପୁଷ୍କରିଣୀରେ ଓଡ଼ିଆମାନେ କଦଳୀ ପଟୁଆ ବା କାଗଜର ନୌକା ଭସାଇ ଅତୀତର ସ୍ମୃତିକୁ ମନେପକାଉଛୁ । ଗଡ଼ଗଡ଼େଶ୍ୱର କେବଳ କଟକର ନୁହେଁ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ । ଗଡ଼ଗଡ଼େଶ୍ୱରଙ୍କ ପାଖରେ ଅନେକ ମାନସିକଧାରୀ ଓ ଶିବଭକ୍ତମାନେ ଶ୍ରାବଣରେ ବୋଲବମ୍ ଜଳାଭିଶେକ କରିଥାନ୍ତି ।

ଆଜି ଗଡ଼ଗଡ଼ିଆ ଘାଟ ଆଉ ପୂର୍ବରୁ ସ୍ମୃତି ହୋଇ ନଥିଲେ ବି ଏହି କ୍ଷେତ୍ରର ଅନେକ ଉନ୍ନତି ଓ ବିଭିନ୍ନ ଯୋଜନା ସବୁ ହାତକୁ ନିଆଯାଇଛି । ମନ୍ଦିରର ଏକ ପ୍ରକାର ନବକଳେବର ହୋଇଛି ଏବଂ ପ୍ରତିବର୍ଷ ବାଲିଯାତ୍ରା ସମୟରେ ଗଡ଼ଗଡ଼େଶ୍ୱରଙ୍କ ପାଖରେ ଅନେକ ଭକ୍ତଜନ ପ୍ରାର୍ଥନା କରି ଆନନ୍ଦ ଉଲ୍ଲାସରେ ସାମିଲ ହୋଇଥାନ୍ତି । ବିଭିନ୍ନ ବିବାହ ବ୍ରତ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଏଠାରେ ଅନୁଷ୍ଠିତ ହେଉଛି ଏବଂ ସର୍ବୋପରି କହିବାକୁଗଲେ କଟକିଆଙ୍କ ସ୍ମୃତିରେ ଗଡ଼ଗଡ଼ିଆ ଚିରକାଳ ପାଇଁ ସ୍ମରଣୀୟ ସ୍ମାରକୀ ହୋଇରହିବ ।

**ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ମୋ :୯୪୩୭୦୨୧୬୧୫**

ମନୋରଞ୍ଜନ

# ଓଡ଼ିଆ ଚଳଚ୍ଚିତ୍ର 'ସାର୍'ର ୱାର୍ଲ୍ଡ ଟିଭି ପ୍ରିମିୟର୍



ଗୁରୁ ଏବଂ ଶିଷ୍ୟର ଅତୁଟ ସମ୍ପର୍କ ତଥା ଏକ ସତ୍ୟ ଘଟଣା ଉପରେ ଆଧାରିତ ଓଡ଼ିଆ ଛବି 'ସାର୍'ର ୱାର୍ଲ୍ଡ ଟିଭି ପ୍ରିମିୟର୍ ସେପ୍ଟେମ୍ବର ୬ ତାରିଖ ସନ୍ଧ୍ୟା ୬.୩୦ ମିନିଟରେ ଜୀ ସାର୍ଥକରେ ପ୍ରଦର୍ଶିତ ହେବ। ଗତବର୍ଷ ନଭେମ୍ବର ୧୪ ତାରିଖରେ ବଡ଼ ପରଦାରେ ରିଲିଜ୍ ହୋଇଥିବା ଏହି ସିନେମାଟି ଦର୍ଶକଙ୍କ ମନ କିଣିବାରେ ସଫଳ ହୋଇଥିଲା। ଏହି ଚଳଚ୍ଚିତ୍ରରେ ଆଦର୍ଶ ଶିକ୍ଷକ ଅଗନି ମହାନ୍ତି ଏବଂ ତାଙ୍କ ଛାତ୍ରମାନଙ୍କ ମଧ୍ୟରେ ଥିବା ନିସ୍ୱାର୍ଥପର ସମ୍ପର୍କର କାହାଣୀ ଦର୍ଶାଯାଇଛି। ନିଜ ଛାତ୍ର ରମେଶଙ୍କୁ ଏକ ମିଥ୍ୟା ଜମି ଦୁର୍ନୀତି ମାମଲାରୁ ରକ୍ଷା କରିବା ତଥା ତାଙ୍କର ନିର୍ଦ୍ଦୋଷ ପ୍ରମାଣ କରିବା ପାଇଁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଜଣେ ଗରିବ ଶିକ୍ଷକଙ୍କ ଦୁର୍ନୀତି ଓ ଅନ୍ୟାୟ ବିରୋଧରେ ଲଢ଼େଇକୁ ଏଥିରେ ଅତି ଜୀବନ୍ତ ଭାବେ ଚିତ୍ରଣ କରାଯାଇଛି। ଡଃ କମଳ ଲୋଚନ ସାହୁଙ୍କ ପ୍ରଯୋଜିତ ତଥା କେଶବ ମଲ୍ଲିକଙ୍କ ନିର୍ଦ୍ଦେଶିତ ଏହି ହୃଦୟସ୍ପର୍ଶୀ ଚଳଚ୍ଚିତ୍ରରେ ସମରେଶ ରାଉତରାୟ, ଅଭିଷେକ ରଥ, ଅର୍ଲିନ୍ ଅଙ୍କିତା, ଦୀପନ୍ୱିତ ଦାସମହାପାତ୍ର ଓ ଅଶ୍ରୁମୋଚନ ପ୍ରମୁଖ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଏଥିରେ ଅଭିଷେକଙ୍କ ବିପକ୍ଷରେ ପ୍ରଥମଥର ନଜର ଆସିଛନ୍ତି ଅର୍ଲିନ୍ ଅଙ୍କିତା। ପ୍ରଯୋଜକ ଡଃ କମଳ ଲୋଚନ ସାହୁ ଏହି ସିନେମାର କାହାଣୀ ଓ ସଂଳାପ ନିଜେ ଲେଖିଥିବା ବେଳେ ଆରୋହୀ ଅଜିତା ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି।

# ଆସୁ ଆସୁ ବେଦୀକାଙ୍କୁ ଅଫର୍



'ମୁସାଫିର କାଫେ'ରେ ବେଦିକାଙ୍କ ଅଭିନୟ ଦେଖିବା ପରେ ନିର୍ମାତା ଆଉ ଏକ ନୂଆ ଫିଲ୍ମ ପାଇଁ ତାଙ୍କୁ ଚୟନ କରିଛନ୍ତି। ଫିଲ୍ମରେ ବେଦୀକାଙ୍କୁ ଏକ ସମ୍ପୂର୍ଣ୍ଣ ଭିନ୍ନ ଅବତାରରେ ଦେଖିବାକୁ ମିଳିବ। ଚରିତ୍ରକୁ ଜଷ୍ଟିଫାଏ କରିବାକୁ ଦେବୀକା ସମ୍ପୂର୍ଣ୍ଣ ଫିଟ୍ ବୋଲି ନିର୍ଦ୍ଦେଶକ କହିଛନ୍ତି। ସେଥିପାଇଁ ଅଭିନେତ୍ରୀ ବେଦିକା ପିଣ୍ଟୋ ଏବେ ଆଉ ଏକ ନୂଆ ପ୍ରୋଜେକ୍ଟରେ ମୁଖ୍ୟ ଭୂମିକାରେ ନଜର ଆସିବେ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏହି ଫିଲ୍ମରେ ବେଦିକାଙ୍କ ବିପରୀତ ଭୂମିକାରେ ଅଭିନୟ କରିବେ 'ବ୍ୟାଡ୍ସ ଅଫ୍ ବଲିଉଡ୍'ର ନାୟକ ଲକ୍ଷ୍ୟ। ମୁସାଫିର କାଫେରେ ଲକ୍ଷ୍ୟ ଓ ବେଦୀକା ଖୁବ ଭଲ ଅଭିନୟ କରିବା ସହ ସେମାନଙ୍କ ଯୋଡ଼ି ଦର୍ଶକଙ୍କୁ ବେଶ୍ ମନୋରଞ୍ଜନ ଯୋଗାଇପାରିବ। ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇବେ ପ୍ରୋସିତ ରୟ। ଏହା ପୂର୍ବରୁ ସେ 'ରାଖ୍' ଭଳି ପ୍ରୋଜେକ୍ଟରେ ନିର୍ଦ୍ଦେଶକ ଭାବେ କାମ କରିଛନ୍ତି। ଏପର୍ଯ୍ୟନ୍ତ ନୂଆ ଫିଲ୍ମର ନାଁ ଘୋଷଣା ହୋଇ ନଥିଲେ ମଧ୍ୟ ବେଦିକା ଓ ଲକ୍ଷ୍ୟଙ୍କ ଯୋଡ଼ିକୁ ନେଇ ବଲିଉଡ୍‌ରେ ଚର୍ଚ୍ଚା ଆରମ୍ଭ ହୋଇଗଲାଣି।








# 'ମହାପ୍ରଭୁ ଜଗନ୍ନାଥ' ଆନିମେଟେଡ୍ ସିନେମାକୁ ଗ୍ରୀନ୍ ସିଗନାଲ୍

'ମହାପ୍ରଭୁ ଜଗନ୍ନାଥ' ଆନିମେଟେଡ୍ ସିନେମାକୁ ନେଇ ଲାଗି ରହିଥିବା ବିବାଦର ଅନ୍ତ ଘଟିଛି। ଏହି ଚଳଚ୍ଚିତ୍ର ପ୍ରଦର୍ଶନକୁ ବିରୋଧ କରି ରାଜ୍ୟ ସରକାରଙ୍କ ପକ୍ଷରୁ ରୁଜୁ ମାମଲାକୁ ସୁପ୍ରିମ୍ କୋର୍ଟ ପୁନର୍ବାର ଖାରଜ କରି ରିଲିଜ୍ ପାଇଁ ଅନୁମତି ଦେଇଛନ୍ତି। ସାରା ଭାରତରେ ଓଡ଼ିଆ, ହିନ୍ଦି ଓ ତେଲଗୁ ଭାଷାରେ ରିଲିଜ୍ ହୋଇଛି। ସୁପ୍ରିମ୍‌କୋର୍ଟର ମାନ୍ୟବର ବିଚାରପତି ଜଷ୍ଟିସ୍ ବିଭି ନାଗରତ୍ନା ଏବଂ ଜଷ୍ଟିସ୍ ଆର.ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଏହି ଚଳଚ୍ଚିତ୍ରର ପ୍ରଦର୍ଶନ ଉପରେ ପ୍ରଥମେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାର ଶୁଣାଣି ଅବସରରେ ହାଇକୋର୍ଟ ଚଳଚ୍ଚିତ୍ରର ପ୍ରଦର୍ଶନ ଉପରେ ରହିତାଦେଶ ଲଗାଇଥିଲେ। ଏହାକୁ ଚାଲେଞ୍ଜ କରି ଚଳଚ୍ଚିତ୍ର ନିର୍ମାଣକାରୀ ସଂସ୍ଥା ସୁପ୍ରିମ୍ କୋର୍ଟକୁ ଯାଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ, ମହାପ୍ରଭୁ ଜଗନ୍ନାଥଙ୍କୁ ଏହି ଚଳଚ୍ଚିତ୍ରରେ କାର୍ଟୁନ ଭାବେ ପ୍ରଦର୍ଶନ କରାଯାଇଛି। ଏହାଦ୍ୱାରା ଜଗନ୍ନାଥ ପ୍ରେମୀଙ୍କ ଭାବାବେଗକୁ ଗଭୀର ଆଘାତ ଲାଗିଛି। ସୁପ୍ରିମ୍‌କୋର୍ଟ ଆଜି ଏହି ମାମଲାର ଶୁଣାଣି ପରିପ୍ରେକ୍ଷୀରେ କହିଛନ୍ତି ଯେ, ପିଲାମାନଙ୍କୁ ଦୃଷ୍ଟିରେ ରଖି ଏଭଳି ଚଳଚ୍ଚିତ୍ର ନିର୍ମାଣ କରାଯାଉଛି। ବର୍ତ୍ତମାନ ସମୟରେ ଆଉ କେହି ବହି ପଢ଼ିବା ଲାଗି ଗୁରୁତ୍ୱ ଦେଉନାହାନ୍ତି। ତେଣୁ ଏହା କଳାର ଅନ୍ୟ ଏକ ରାସ୍ତା ହୋଇଥିଲାବେଳେ ଏଥିରେ କିଛି ପ୍ରତିବନ୍ଧକ ଆସିବା ଉଚିତ ନୁହେଁ।







# ମାଳିପୁଟ 'ମେଲୋଡିଜ୍' ସେପ୍ଟେମ୍ବର ୧୮ରେ ମୁକ୍ତିଲାଭ





ଓଡ଼ିଶାରେ ସୌନ୍ଦର୍ଯ୍ୟର ସ୍ୱର୍ଗ କୋରାପୁଟର ଚଳଚ୍ଚିତ୍ର 'ମାଳିପୁଟ ମେଲୋଡିଜ୍'। କୌସ୍ତୁଭ ଡ୍ରିମ୍ ୱାର୍କସ୍ ଷ୍ଟୁଡିଓଜ୍ ବ୍ୟାନରରେ ନିର୍ମିତ ଏହି ସିନେମାଟି 'ୟୁ/ଏ' ପ୍ରମାଣପତ୍ର ହାସଲ କରିଥିବା ବେଳେ ଆସନ୍ତା ସେପଟ୍ଟେମ୍ବର ୧୮ରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ଘୋଷଣା କରିଛି। ଗୋଆରେ ଅନୁଷ୍ଠିତ ୫୬ତମ ଭାରତ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବ (ଆଇଏଫ୍ଏଫ୍ଆଇ )– ୨୦୨୫ ଇଣ୍ଡିଆନ ପାନୋରାମା ଫିଚର୍ ଫିଲ୍ମ ବର୍ଗରେ ମନୋନୀତ ହୋଇ ପ୍ରଦର୍ଶିତ ହୋଇଥିଲା ଏକମାତ୍ର ଓଡ଼ିଆ ଚଳଚ୍ଚିତ୍ର 'ମାଳିପୁଟ ମେଲୋଡିଲ୍'। ଜୀବନ ଓ ସଂଘର୍ଷର ନିଛକ ଚିତ୍ର ସାଙ୍ଗକୁ ସେଠି ବିଶ୍ୱ ଦେଖିଥିଲା ଓଡ଼ିଶାର ସୁନ୍ଦର କୋରାପୁଟକୁ। ଉପଭୋଗ କରିଥିଲା ତା'ର କଳା, ସଂସ୍କୃତି, ସାହିତ୍ୟ ଆଉ ସଙ୍ଗୀତକୁ । କିଛି ସମୟ ପାଇଁ ଦର୍ଶକ ହଜିଗଲେ, ମଜିଗଲେ ବଣ ଜଙ୍ଗଲ ଘେରା ଅଞ୍ଚଳରେ ରହୁଥିବା ସେହି ସରଳିଆ ଲୋକଙ୍କ ଭିତରେ। ସିନେମାଟି ଆଇଏଫ୍ଏଫ୍ଆଇରେ ଦର୍ଶକଙ୍କ ପ୍ରଶଂସା, ଭଲପାଇବା ସାଉଁଟିବା ସହ ହୃଦୟ ଜିଣିଥିଲା। ଜୟପୁର ଇଣ୍ଟର ନେସନାଲ ଫିଲ୍ମ ଫେଷ୍ଟିଭାଲ, ନ୍ୟାସନାଲ ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଅଫ୍ ଅଷ୍ଟ୍ରେଲିଆ, କୋଲକାତା ଇଣ୍ଟର ନେସନାଲ ଫିଲ ଫେଷ୍ଟିଭାଲ, ଚେନ୍ନାଇ ଇଣ୍ଟର ନେସନାଲ ଫିଲ୍ମ ଫେଷ୍ଟିଭାଲ, ଜାଗରଣ ଫିଲ୍ମ ଫେଷ୍ଟିଭାଲ, ସେଭେନ କଣ୍ଟିନେଣ୍ଟସ ଆୱାର୍ଡସ, ମାଦ୍ରୀଡ଼ ଫିଲ୍ମ ଆୱାର୍ଡସ ମଧ୍ୟ ରିଲିଜ୍ ହୋଇସାରିଛି। ଯାହା ଚିରାଚରିତ ଧାରାଠୁ ସମ୍ପୂର୍ଣ୍ଣ ଭିନ୍ନ ଏବଂ ଏକ ପାରିବାରିକ ଚଳଚ୍ଚିତ୍ର। ଆଶ୍ଚର୍ଯ୍ୟର କଥା ଏଥିରେ ସିନେ ଦୁନିଆରେ ଚିହ୍ନା ମୁହଁ ନାହାଁନ୍ତି । ୭୫% କଳାକାର ହେଉଛନ୍ତି ଗାଁର ପ୍ରତିଭା, ବାକି ୨୫% ମଞ୍ଚ କଳାକାର । ଏହା ବ୍ୟତୀତ ସିନେମାର ଗୀତ, ସଙ୍ଗୀତ, କାହାଣୀ, ସଂଳାପ, ଚିତ୍ରନାଟ୍ୟ, କଳାକାରଙ୍କ ଜୀବନ୍ତ ଅଭିନୟ ଅତ୍ୟନ୍ତ ହୃଦୟ ସ୍ପର୍ଶୀ, ଅତି ଚମତ୍କାର ଓ ଉଚ୍ଚକୋଟୀର ହୋଇଛି। ଦର୍ଶକ ସିନେମା ମାଧ୍ୟମରେ ସମ୍ପୂର୍ଣ୍ଣ କୋରାପୁଟ ବୁଲି ଆସିବାର ମଜା ବି ନେବେ। ସିନେମାର ନିର୍ଦ୍ଦେଶକ ଉଦୀୟମାନ ଯୁବ ତାରକା ବିଶାଳ ପଟ୍ଟନାୟକ ଯେଉଁଭଳି ଢଙ୍ଗରେ ନିଜ ମାଟିର ମହକକୁ ସିନେମାରେ ଭରିଛନ୍ତି ଏବଂ ତାଙ୍କୁ ସହଯୋଗ କରିଛନ୍ତି ଅଭିଜ୍ଞ ପ୍ରଯୋଜକ କୌଶିକ ଦାସ। ଗୀତ ଓ ସଙ୍ଗୀତକାର ତୋଷ ନନ୍ଦ, କାହାଣୀକାର ସୁଧାକର ପଟ୍ଟନାୟକ ଏବଂ ସହ ପ୍ରଯୋଜକ ରାମ ପଟ୍ଟନାୟକ ଓ କୌସ୍ତୁଭ ଦାସଙ୍କ ସହ ପୂରା ଟିମ୍। ପ୍ରଚାର ଓ ପ୍ରସାର ଦାୟିତ୍ୱ ବହନ କରିଛନ୍ତି ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ଼ ପ୍ରଣୟ ଜେଠୀ।

# ଦଣ୍ଡକାଳୀରେ ସୂର୍ଯ୍ୟମୟୀ



ରାଜଶ୍ରୀ ସିନେକ୍ରାଫ୍ଟସ୍ ବ୍ୟାନରରେ ନିର୍ମାଣ କରାଯାଇଥିବା ଫିଲ୍ମ ଦଣ୍ଡକାଳୀ ଏକ ବିଗ୍ ବଜେଟର ସିନେମା ଭାବରେ ବଜାରକୁ ଆସୁଛି। ଏଥିରେ ନାୟିକା ଭୂମିକାରେ ସୂର୍ଯ୍ୟମୟୀ ଅଭିନୟ କରୁଥିବାବେଳେ ଅନେକ ଭେଟେରାନ୍ କଳାକାର ମଧ୍ୟ ଅଭିନୟ କରୁଥିବାର ଜଣାଯାଇଛି। ଏଥିରେ ମଧ୍ୟ ସିଦ୍ଧାନ୍ତ ମହାପାତ୍ରଙ୍କୁ ଚରିତ୍ର ଅଭିନେତା ଭାବରେ ଭିନ୍ନ ଭୂମିକାରେ ଅଭିନୟ କରୁଥିବା ଦେଖିବାକୁ ମିଳିବ। ଏହାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ରାଜଶ୍ରୀ ଘୋଷ। ନିର୍ଦ୍ଦେଶନା ଦେଇଛନ୍ତି ସୁଧାଂଶୁ ମୋହନ ସାହୁ। କାହାଣୀ ଅଭିଷିକ୍ତା ମିଶ୍ର ରଚନା କରିବାବେଳେ ଚିତ୍ରନାଟ୍ୟ କରିଛନ୍ତି ଦିଲ୍ଲୀପ ଚୌଧୁରୀ। ବାପୁ ଗୋସ୍ୱାମୀ ଓ ନିର୍ମଳ ନାୟକ ଗୀତ ରଚନା କରିଥିବାବେଳେ ପ୍ରେମ ଆନନ୍ଦ ଦେଇଛନ୍ତି ସଙ୍ଗୀତ ନିର୍ଦ୍ଦେଶନା। ଏଥିରେ ମହେଶ୍ୱେତା ରାୟ, ଉଷଶୀ ମିଶ୍ର, ଚିତ୍ରସେନ ଘୋଷ, ତୃପ୍ତି ମୀରାମ୍ବିକା, ଗୁରୁଦେବ ମହାରଥୀ, କୃଷ୍ଣ କର, ଏଲି ପାଢ଼ୀ, ଉଦିତ ଗୁରୁ, ଚୌଧୁରୀ ଜୟପ୍ରକାଶ, ପ୍ରୀତିରଞ୍ଜନ ପ୍ରଧାନ, ମଧୁସୂଦନ ମିଶ୍ର, ଶ୍ରୀଧର ମହାନ୍ତି, ନିହାର ସାମଲ, ଅମର ମହାପାତ୍ର, ରଜନୀ ଓ ଶିଶୁ କଳାକାର ଭାବରେ ହଂସରାଜ ଓ ଧ୍ରୁନ ପ୍ରମୁଖ ଅଭିନୟ କରିଛନ୍ତି।

ଆଗେ ଆଗେ

# ସଫଳତା ନମିଳିବା ପର୍ଯ୍ୟନ୍ତ ଚେଷ୍ଟା କରିବା



ଅନେକ ବିଫଳ ହେଲେ, ଭାଙ୍ଗି ପଡ଼ିଥାନ୍ତି । ଭାବି ନେଇଥାନ୍ତି, ଏ ବିଫଳତା ହିଁ ଜୀବନର ସବୁକିଛି ଛଡ଼େଇ ନେଇଛି । ବାସ୍ତବରେ ଦେଖିବାକୁ ଗଲେ, ଥରେ କି ଦୁଇଥର ନୁହେଁ ବାରମ୍ବାର ଚେଷ୍ଟା କରିବା ଦରକାର, ଯେ ପର୍ଯ୍ୟନ୍ତ ଯାଏ ସଫଳତା ନ ଆସିଛି । ସଫଳତା କାହାକୁ ଥରୁଟିଏ ଚେଷ୍ଟାରେ ମିଳିଯାଏ ତ କାହାକୁ ବାରମ୍ବାର ଚେଷ୍ଟା କରିବାକୁ ପଡୁଥାଏ । ଏଣୁ ସଫଳତା ଆଶା ରଖୁଥିବା ଲୋକ କେବେ ଥରେ ଚେଷ୍ଟା କରି ବସିପଡ଼ିବା ଉଚିତ ନୁହେଁ । ଯେତେଥର ଜଣେ ବିଫଳ ହେଉଥିବ, ସେତେଥର ହିଁ ସେ ନୂଆ ପ୍ରକାର ଅଭିଜ୍ଞତା ହାସଲ କରୁଥିବ । ଫଳରେ ଏହି ଅଭିଜ୍ଞତା ଜୀବନରେ ବଡ଼ ନିର୍ଣ୍ଣାୟକ ଭୂମିକା ନେବ । ବିଫଳତାରୁ ମଣିଷକୁ ଅନେକ କିଛି କଥା ଶିଖିବାକୁ ମିଳିଥାଏ । ଏହା ଯେ ଆମକୁ କ୍ଷତିରେ ପକାଇଛି ନୁହେଁ ବରଂ ଅନେକ କିଛି ଶିଖିବାର ସୁଯୋଗ ସୃଷ୍ଟି କରିଛି । ଏଣୁ ଆମକୁ ମନଧ୍ୟାନ ସହକାରେ ନିଷ୍ଠାପର ଭାବରେ ଥରକୁଥର ଲାଗିବାକୁ ପଡ଼ିବ । ନିଜ ମନୋବଳ ଦୃଢ଼ କରି ନିଜର ଲକ୍ଷ୍ୟପଥରେ ଯାତ୍ରା କରିବାକୁ ପଡ଼ିବ । ସଫଳତାକୁ ଜୀବନର ଲକ୍ଷ୍ୟ ବୋଲି ଭାବି ବାଟ ଚାଲିବାକୁ ପଡ଼ିବ । ଫଳରେ ସଫଳତା ପଛରେ ଆମେ ନୁହେଁ ବରଂ କର୍ମକଲେ ଆମ ପଛରେ ସଫଳତା ହିଁ ଆସିବ ।




## ଜ୍ଞାନ ବିଜ୍ଞାନ

# ଓଟପକ୍ଷୀ



ସାଗରିକା ରାଉତ
ଜିଲ୍ଲା ବିଜ୍ଞାନ ପରିଦର୍ଶିକା, କଟକ

ପୃଥିବୀର ଏହା ସବୁଠାରୁ ବୃହତ୍ତମ ପକ୍ଷୀ । ଏହା ଦ୍ରୁତ ବେଗରେ ଦୌଡିପାରେ । ଓଟ ସହିତ ଏହାର ଅନେକ ସାମଞ୍ଜସ୍ୟ ଥିବାରୁ ଏହାର ନାମ ଓଟପକ୍ଷୀ ହୋଇଛି । ଗୋଟିଏ ପ୍ରାପ୍ତ ବୟସ୍କ ପୁରୁଷ ଓଟପକ୍ଷୀର ଉଚ୍ଚତା ୨.୪ ମି ଏବଂ ଓଜନ ପ୍ରାୟ ୧୦୦କେଜି । ଏହାର ବେକର ଲମ୍ବ ଉଚ୍ଚତାର ପ୍ରାୟ ଅଧା । ମାଈ ଓଟପକ୍ଷୀ ଅପେକ୍ଷାକୃତ ଛୋଟ । ଅଣ୍ଡିରା ଓଟପକ୍ଷୀର ରଙ୍ଗ ପ୍ରାୟ କଳା, କିନ୍ତୁ ଏହାର ଡେଣା ଓ ଲାଞ୍ଜରେ ଧଳା ପର ଥାଏ । ମାଈ ଓଟପକ୍ଷୀ ଧୂଷର ରଙ୍ଗର । ଓଟପକ୍ଷୀର ବେକର ରଙ୍ଗ ଅନୁସାରେ ଏମାନଙ୍କୁ ତିନି ଭାଗରେ ବିଭକ୍ତ କରାଯାଇପାରେ । ଯଥା କଳା, ନାଲି ଓ ନୀଳ ବେକ ଓଟପକ୍ଷୀ । ଏମାନଙ୍କର ଜଙ୍ଘ ଓ ଗୋଡରେ ପର ନ ଥାଏ । ମୁଣ୍ଡଟି ଛୋଟ, ଥଣ୍ଟ ଛୋଟ, କିନ୍ତୁ ଓସାରିଆ । ଆଖି ଦୁଇଟି ମାଟିଆ ରଙ୍ଗର ଏବଂ ଆଖିପତା ଲୋମଗୁଡିକ କଳା ଓ ଗହଳିଆ । ଓଟପକ୍ଷୀମାନେ ସାଧାରଣତଃ ଖୋଲା ସ୍ଥାନରେ ଦଳବଦ୍ଧ ଭାବେ ବାସ କରିବାକୁ ଭଲ ପାଆନ୍ତି । ଘଞ୍ଚ ବୁଦାଳିଆ ଜଙ୍ଗଲ ଅଥବା ବଡ ବଡ ଝଙ୍କାଳିଆ ଗଛତଳେ ଏମାନେ ଆଶ୍ରୟ ନେବାକୁ ପସନ୍ଦ କରନ୍ତି ନାହିଁ । ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳ ଓ ଘାସ ବହୁଳ ସ୍ଥାନରେ ଏମାନେ ବାସ କରନ୍ତି । ଗୋଟିଏ ଦଳରେ ପ୍ରାୟ ପାଞ୍ଚଟିରୁ ୫୦ଟି ପର୍ଯ୍ୟନ୍ତ ଓଟପକ୍ଷୀ ଥାଆନ୍ତି । ଓଟପକ୍ଷୀ ତାହାର ଗୋଡ ଦୁଇଟି ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ । ପ୍ରତି ଗୋଡରେ ଦୁଇଟି ଆଙ୍ଗୁଠି ରହିଛି । ସେଥିରୁ ଗୋଟିଏ ଆଙ୍ଗୁଠି ଖୁରାରେ ରୂପାନ୍ତରିତ ହୋଇଛି । ବିପଦର ସମ୍ମୁଖୀନ ହେଲେ ସେ ଘଣ୍ଟାକୁ ପ୍ରାୟ ୬୫କିଲୋମିଟର ବେଗରେ ଦୌଡିପାରେ । ସେତେବେଳେ ଏହାକୁ ଅଟକାଇବାକୁ ଚେଷ୍ଟା କଲେ ଏହା ଖୁବ ଜୋରରେ ନାତ ମାରି ଅନ୍ୟ ପ୍ରାଣୀକୁ କ୍ଷତବିକ୍ଷତ କରିଦିଏ । ଏମାନଙ୍କର ଡେଣା ଅଛି ସତ ମାତ୍ର ବୃହତ ଶରୀର ହେତୁ ଏମାନେ ଉଡିପାରନ୍ତି ନାହିଁ । ଓଟପକ୍ଷୀର ଅଣ୍ଡା ପୃଥିବୀର ସମସ୍ତ ପକ୍ଷୀର ଅଣ୍ଡାଠାରୁ ବଡ । ଅଣ୍ଡାର ଲମ୍ବ ୧୯ସେଣ୍ଟିମିଟର, ବ୍ୟାସ ୧୫ସେଣ୍ଟିମିଟର ଓ ଓଜନ ପ୍ରାୟ ୧.୫କିଲୋଗ୍ରାମ ଅର୍ଥାତ ଏହା ପ୍ରାୟ ୨୦ଟି କୁକୁଡା ଅଣ୍ଡା ସହ ସମାନ । ମାଈ ଓଟପକ୍ଷୀ ମାଟି ଭିତରେ ଥରକେ ୧୫ରୁ ୬୦ପର୍ଯ୍ୟନ୍ତ ଅଣ୍ଡା ଦିଏ । ଅଣ୍ଡାଗୁଡିକ ଚକଚକ ଧଳା । ଅଣ୍ଡାକୁ ଉଭୟ ମାଈ ଓ ଅଣ୍ଡିରା ପକ୍ଷୀ ଉଷୁମ କରନ୍ତି । ଦିନବେଳେ ମାଈ ଓ ରାତିରେ ଅଣ୍ଡା ଅଣ୍ଡିରା ପକ୍ଷୀ ଅଣ୍ଡା ଉପରେ ବସି ଉଷୁମ କରନ୍ତି । ଅନ୍ତତଃ ୪୦ଦିନ ଉଷୁମ କରିବା ପରେ ଅଣ୍ଡା ଫୁଟାଇ ଛୁଆମାନେ ବାହାରି ଥାଆନ୍ତି । ସେମାନେ ମାସକର ହୋଇଗଲେ ବାପାମା'ଙ୍କ ସହ ଦୌଡିବାକୁ ସକ୍ଷମ ହୋଇଯାଆନ୍ତି । ବିପଦ ଆସିଲେ ସେମାନେ ମାଟି ଉପରେ ଡାକିଜୁକି ହୋଇ ଶୋଇପଡନ୍ତି ଏବଂ ବେକଟିକୁ ଟେକି



ଚାରିଆଡେ ଦେଖୁଥାଆନ୍ତି । ଆମକୁ ଲାଗେ ଯେମିତି ସେମାନେ ମାଟି ଭିତରେ ପଶିଯାଇଛନ୍ତି । ଏମାନେ ମୁଖ୍ୟତଃ ଉଦ୍ଭିଦକୁ ଖାଦ୍ୟ ଭାବରେ ଗ୍ରହଣ କରିଥାଆନ୍ତି । କିନ୍ତୁ କେବେ କେବେ ପ୍ରାଣୀ ଉପରେ ମଧ୍ୟ ନିର୍ଭର କରିଥାଆନ୍ତି । ଦୀର୍ଘଦିନ ପର୍ଯ୍ୟନ୍ତ ପାଣି ନ ପିଇ ଏମାନେ ରହିପାରନ୍ତି । । ସଙ୍ଗମ ସମୟ ଉପସ୍ଥିତ ହେଲେ ଅଣ୍ଡିରା ଓଟପକ୍ଷୀ ଜୋରରେ ଚିତ୍କାର କରେ । ସେ ଯେଉଁ ଦଳରେ ତିନିଟିରୁ ପାଞ୍ଚଟି ମାଈ ଓଟପକ୍ଷୀ ଥାନ୍ତି ସେହି ଦଳରେ ସ୍ଥାନ ପାଇବା ପାଇଁ ଆପ୍ରାଣ ଉଦ୍ୟମ କରେ । ବାହାରର ଅତ୍ୟଧିକ ତାପମାତ୍ରା ଅଥବା ଅତି ନିମ୍ନ ତାପମାତ୍ରା ଅନୁସାରେ ସେମାନେ ନିଜ ଶରୀରର ତାପମାତ୍ରାକୁ ବଢ଼ାଇ ଦେଇ ପାରନ୍ତି ବା କମାଇ ଦେଇ ପାରନ୍ତି । ପରିବେଶ ସହିତ ଉପଯୁକ୍ତ ଭାବରେ ଖାପ ଖୁଆଇ ଚଳି ପାରନ୍ତି । ସର୍ବାଧିକ ୫୬ ଡିଗ୍ରୀ ସେଲସିଅସ ତାପମାତ୍ରାରେ ସେମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୋଇ ସ୍ୱଚ୍ଛନ୍ଦରେ ବଞ୍ଚି ରହି ପାରନ୍ତି । କେଉଁ ଆବାହମାନ କାଳରୁ ଲୋକମାନେ ଓଟପକ୍ଷୀର ମାଂସକୁ ଖାଦ୍ୟ ଭାବରେ ବ୍ୟବହାର କରି ଆସୁଛନ୍ତି । ଇଜିପ୍ଟ, ରୋମ୍ ଓ ଗ୍ରୀସର ଆଦିବାସୀମାନେ ମାଂସ, ଚମଡା ଏବଂ ପର ପାଇଁ ଓଟପକ୍ଷୀ ପାଳନ କରୁଥିଲେ । ସମୟ ଅନୁକ୍ରମେ ଦକ୍ଷିଣ ଆଫ୍ରିକା, ଇସ୍ରାଏଲ, ଆମେରିକା ଓ ୟୁରୋପ ବାସୀ ଓଟପକ୍ଷୀ ପାଳନରେ ମନ ବଢ଼ାଇଲେ । ଅଧୁନା ୟୁରୋପ ଓ ଆମେରିକାର କେତେକ ଅଞ୍ଚଳରେ ଗୋମାଂସ ଫାର୍ମ ବନ୍ଦ କରି ଓଟପକ୍ଷୀ ପାଳନ କରିବା ପାଇଁ ଅଧିକ ଧ୍ୟାନ ଦିଆଯାଉଛି । କାରଣ ପ୍ରଥମରେ ଏମାନଙ୍କୁ ପାଳନ କରିବା ନିମନ୍ତେ ବାସଗୃହର ଆବଶ୍ୟକତା ନାହିଁ । ଦ୍ୱିତୀୟରେ ଏମାନଙ୍କୁ ପାଳନ କରିବା ଗୋପାଳନ ଅପେକ୍ଷା ଅଧିକ ସରଳ ଅଟେ । ଓଟପକ୍ଷୀ ୫୦ବର୍ଷ ପର୍ଯ୍ୟନ୍ତ ବଞ୍ଚିପାରେ । ପ୍ରତ୍ୟେକ ମାଈ ପକ୍ଷୀ ୪୦ବର୍ଷ ପର୍ଯ୍ୟନ୍ତ ଅଣ୍ଡା ଦେବାକୁ ସକ୍ଷମ ଥାଏ । ଗୋଟିଏ ମାଈ ଓଟପକ୍ଷୀ ତା'ର ଜୀବନକାଳ ମଧ୍ୟରେ ନିଜର ବଂଶଧରଙ୍କ ଜରିଆରେ ଆମକୁ ଅତି କମରେ ୭୨ ଟନ ମାଂସ ଏବଂ ୨୦୦୦ ବର୍ଗମିଟର ଚମଡା ଏବଂ ୧୫୦୦କେଜି ଓଜନର ପର ଦେଇଥାଏ । ଏହି ସବୁ ଦୃଷ୍ଟିକୋଣରୁ ଏହା ଏକ ଲାଭଦାୟକ ବ୍ୟବସାୟ । ଓଟପକ୍ଷୀର ପର ଖୁବ ନରମ ଏବଂ ସୁନ୍ଦର । ମୂଲ୍ୟବାନ ଯନ୍ତ୍ରପାତିକୁ ଝାଡି ସଫା କରିବାକୁ ଏହା ବ୍ୟବହାର କରାଯାଏ । ଏହି ପର ଦ୍ୱାରା ଘର ସଜାଯାଏ । ଏମାନଙ୍କୁ ଅଧିକ ସଂଖ୍ୟାରେ ପାଳନ କଲେ ମଣିଷ ସମାଜ ଉପକାର ପାଇବ ।

ସ୍ମୃତି

# ପକ୍ଷୀରାଜ ଗରୁଡ

ଭାରତୀୟ ପୁରାଣ, ଧର୍ମ, ସାହିତ୍ୟ ଓ ସଂସ୍କୃତିରେ ଗରୁଡ଼ଙ୍କର ଏକ ବିଶିଷ୍ଟ ସ୍ଥାନ ରହିଛି। ଗରୁଡ଼ କେବଳ ଏକ ପୌରାଣିକ ପକ୍ଷୀ ନୁହନ୍ତି; ସେ ଭଗବାନ ବିଷ୍ଣୁଙ୍କର ବାହନ, ଭକ୍ତି, ଶକ୍ତି, ସାହସ, ବେଗ ଓ ସ୍ୱାଧୀନତାର ପ୍ରତୀକ। ହିନ୍ଦୁ ଧର୍ମରେ ଭଗବାନ ବିଷ୍ଣୁଙ୍କୁ ଯେତେବେଳେ ଗରୁଡ଼ଙ୍କ ଉପରେ ଆରୋହଣ କରିଥିବା ଅବସ୍ଥାରେ ଚିତ୍ରିତ କରାଯାଏ, ସେତେବେଳେ ଗରୁଡ଼ଙ୍କ ଦିବ୍ୟ ମହିମା ଆହୁରି ସ୍ପଷ୍ଟ ହୋଇଥାଏ।

ପୁରାଣମାନଙ୍କରେ ଗରୁଡ଼ଙ୍କୁ ଅତ୍ୟନ୍ତ ପରାକ୍ରମୀ, ତେଜସ୍ୱୀ ଓ ଶକ୍ତିଶାଳୀ ବୋଲି ବର୍ଣ୍ଣନା କରାଯାଇଛି। ତାଙ୍କର ଜନ୍ମକଥା ମାତା ବିନତା ଓ ପିତା କଶ୍ୟପ ଋଷିଙ୍କ ସହିତ ଜଡ଼ିତ। ତାଙ୍କ ଜୀବନରେ ମାତୃଭକ୍ତି, ସାହସ ଓ ଅସାଧାରଣ ପରାକ୍ରମର ଯେଉଁ ଉଦାହରଣ ମିଳେ, ତାହା ଭାରତୀୟ ପୌରାଣିକ କଥାସାହିତ୍ୟରେ ଅତ୍ୟନ୍ତ ଶିକ୍ଷାପ୍ରଦ।



ଗରୁଡ଼ଙ୍କୁ ସଂସ୍କୃତରେ 'ଗରୁଡ଼', 'ବୈନତେୟ', 'ଖଗେଶ୍ୱର', 'ପକ୍ଷୀରାଜ', 'ନାଗାନ୍ତକ' ଆଦି ନାମରେ ଅଭିହିତ କରାଯାଇଛି। 'ବୈନତେୟ' ନାମଟି ତାଙ୍କ ମାତା ବିନତାଙ୍କ ନାମରୁ ଆସିଛି। ଗରୁଡ଼ଙ୍କ ରୂପ ସାଧାରଣତଃ ମାନବ ଶରୀର ଓ ବିଶାଳ ପକ୍ଷୀର ମୁଖ, ଡେଣା ଓ ପାଦ ସହିତ ଚିତ୍ରିତ ହୁଏ। ତାଙ୍କ ଦେହ ଦିବ୍ୟ ତେଜରେ ପ୍ରକାଶିତ ଏବଂ ତାଙ୍କର ଡେଣା ଅତ୍ୟନ୍ତ ବିଶାଳ ବୋଲି ପୌରାଣିକ ବର୍ଣ୍ଣନାରେ ମିଳେ।

ଗରୁଡ଼ଙ୍କ ଜନ୍ମକଥା ମହର୍ଷି କଶ୍ୟପ ଓ ତାଙ୍କର ପତ୍ନୀମାନଙ୍କ ସହ ଜଡ଼ିତ। କଶ୍ୟପଙ୍କ ଅନେକ ପତ୍ନୀଙ୍କ ମଧ୍ୟରୁ ବିନତା ଓ କଦ୍ରୁ ପ୍ରମୁଖ। କଦ୍ରୁ ନାଗମାନଙ୍କର ମାତା ଏବଂ ବିନତା ଅରୁଣ ଓ ଗରୁଡ଼ଙ୍କର ମାତା ଭାବେ ପରିଚିତ। ବିନତା ଦୁଇଟି ଅଣ୍ଡା ପାଇଥିଲେ। ଦୀର୍ଘ ସମୟ ପରେ ଗୋଟିଏ ଅଣ୍ଡାରୁ ଅରୁଣଙ୍କ ଜନ୍ମ ହେଲା। ଅନ୍ୟ ଅଣ୍ଡାରୁ ପରେ ଗରୁଡ଼ଙ୍କ ଜନ୍ମ ହେଲା। ଗରୁଡ଼ ଜନ୍ମ ନେବା ସମୟରେ ତାଙ୍କର ଦିବ୍ୟ ତେଜ ଓ ଅସାଧାରଣ ଶକ୍ତି ଦେଖି ଦେବତାମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲେ ବୋଲି ପୁରାଣରେ ବର୍ଣ୍ଣିତ ହୋଇଛି। ଗରୁଡ଼ଙ୍କ ଜୀବନକଥାରେ ବିନତା ଓ କଦ୍ରୁଙ୍କ ବିବାଦର ବିଶେଷ ମହତ୍ତ୍ୱ ରହିଛି। କଦ୍ରୁଙ୍କର ଅନେକ ନାଗପୁତ୍ର ଥିଲେ। ଏକ ସମୟରେ ବିନତା ଓ କଦ୍ରୁଙ୍କ ମଧ୍ୟରେ ଏକ ବିବାଦ ହୋଇଥିଲା। ଏହି ବିବାଦର ପରିଣାମରେ ବିନତା କଦ୍ରୁଙ୍କ ଦାସୀ ହୋଇଥିଲେ।

ମାତାଙ୍କ ଏହି ଦୁର୍ଦ୍ଦଶା ଦେଖି ଗରୁଡ଼ ଅତ୍ୟନ୍ତ ଦୁଃଖିତ ହେଲେ। ମାତାଙ୍କୁ ଦାସତ୍ୱରୁ ମୁକ୍ତ କରିବା ପାଇଁ ସେ ନାଗମାନଙ୍କ ନିକଟରେ ଉପାୟ ପଚାରିଲେ। ନାଗମାନେ ତାଙ୍କୁ ସ୍ୱର୍ଗରୁ ଅମୃତ ଆଣିଦେବାକୁ କହିଥିଲେ। ମାତାଙ୍କୁ ମୁକ୍ତ କରିବା ପାଇଁ ଗରୁଡ଼ ଅମୃତ ଆଣିବାକୁ ସ୍ୱର୍ଗଲୋକ ଅଭିମୁଖେ ଯାତ୍ରା କଲେ। ଏହା ଏକ ଅତ୍ୟନ୍ତ କଠିନ ଓ ବିପଦସଙ୍କୁଳ କାର୍ଯ୍ୟ ଥିଲା। ଅମୃତକୁ ଦେବତାମାନେ ରକ୍ଷା କରୁଥିଲେ। ଗରୁଡ଼ ତାଙ୍କର ଅସାଧାରଣ ଶକ୍ତି ଓ ପରାକ୍ରମରେ ଅନେକ ବାଧାକୁ ଅତିକ୍ରମ କଲେ।

ଶେଷରେ ସେ ଅମୃତ ନିକଟରେ ପହଞ୍ଚିଲେ। ଗରୁଡ଼ଙ୍କ ନିଷ୍ଠା, ପରାକ୍ରମ ଓ ଧର୍ମବୋଧରେ ଭଗବାନ ବିଷ୍ଣୁ ପ୍ରସନ୍ନ ହେଲେ। ଗରୁଡ଼ ମଧ୍ୟ ବିଷ୍ଣୁଙ୍କ ପ୍ରତି ଭକ୍ତି ଓ ସମ୍ମାନ ପ୍ରକାଶ କଲେ। ପରେ ଗରୁଡ଼ ଭଗବାନ ବିଷ୍ଣୁଙ୍କର ବାହନ ହେବାର ସମ୍ମାନ ପାଇଲେ।


ଗରୁଡ଼ଙ୍କ ସବୁଠାରୁ ପ୍ରସିଦ୍ଧ ପରିଚୟ ହେଉଛି ସେ ଭଗବାନ ବିଷ୍ଣୁଙ୍କର ବାହନ। ସେଥିପାଇଁ କୁହାଯାଇଛି -

ନିତ୍ୟଂ ପଦ୍ମାଳୟେଶଂ ଦ୍ରୁତଗତିଂ ବପୁଷା ପୃଷ୍ଠଭାଗେ ବହନ୍ତଂ ।
ବୀରଂ ଚକ୍ରୀ କୁଳାନାମବିରତ ସକଳ ଛେଦନେ ବଜ୍ରଦକ୍ଷମ୍
ପକ୍ଷାଘାତୈ ରିପୂଣାମକଳନଦଳନେ ଧୂରିଣଂ କାଶ୍ୟପେୟଂ ।
ବନ୍ଦେ ଶ୍ରୀକାନ୍ତ ବକ୍ତ୍ରାଭିମୁଖ ମବିରତଂ ଖେଚରଂ ବୈନତେୟମ୍ ।

ପୁରାଣରେ ଗରୁଡ଼ ଓ ନାଗମାନଙ୍କ ମଧ୍ୟରେ ଶତ୍ରୁତାର କଥା ମିଳେ। ଏହାର ମୂଳ କାରଣ ବିନତା ଓ କଦ୍ରୁଙ୍କ ମଧ୍ୟରେ ହୋଇଥିବା ବିବାଦ ସହିତ ସମ୍ପୃକ୍ତ। କଦ୍ରୁ ନାଗମାନଙ୍କ ମାତା ହୋଇଥିବାରୁ ଗରୁଡ଼ଙ୍କ ସହ ନାଗମାନଙ୍କର ଏକ ବିରୋଧାତ୍ମକ ସମ୍ପର୍କ ଗଢ଼ିଉଠିଥିଲା। ଏହି କାରଣରୁ ଗରୁଡ଼ଙ୍କୁ "ନାଗାନ୍ତକ" ବୋଲି ମଧ୍ୟ କୁହାଯାଏ। ଭାରତୀୟ ପ୍ରତୀକାତ୍ମକ ପରମ୍ପରାରେ ଗରୁଡ଼ ଓ ସର୍ପର ସଂଘର୍ଷକୁ ଅନେକ ସମୟରେ ଶୁଭ ଓ ଅଶୁଭ, ଧର୍ମ ଓ ଅଧର୍ମ କିମ୍ବା ଆଲୋକ ଓ ଅନ୍ଧକାରର ପ୍ରତୀକ ଭାବରେ ବୁଝାଯାଇଛି।

ଗରୁଡ଼ଙ୍କ ଚରିତ୍ରର ସବୁଠାରୁ ବଡ଼ ଗୁଣ ହେଉଛି ମାତୃଭକ୍ତି। ନିଜ ମାତାଙ୍କୁ ଦାସତ୍ୱରୁ ମୁକ୍ତ କରିବା ପାଇଁ ସେ ନିଜ ଜୀବନକୁ ମଧ୍ୟ ବିପଦରେ ପକାଇଥିଲେ। ଏହା ଆମକୁ ମାତାପିତାଙ୍କ ପ୍ରତି ସମ୍ମାନ ଓ କର୍ତ୍ତବ୍ୟବୋଧର ଶିକ୍ଷା ଦିଏ। ଅମୃତ ଆଣିବା ପାଇଁ ଗରୁଡ଼ ଯେଉଁ ବିପଦପୂର୍ଣ୍ଣ ଯାତ୍ରା କରିଥିଲେ, ତାହା ତାଙ୍କର ଅସୀମ ସାହସର ପରିଚୟ ଦିଏ। ଭୟକୁ ଜୟ କରି ଲକ୍ଷ୍ୟ ହାସଲ କରିବାର ପ୍ରେରଣା ତାଙ୍କ ଚରିତ୍ରରୁ ମିଳେ। ଗରୁଡ଼ ନିଜ ଶକ୍ତିକୁ ଅନ୍ୟାୟ କିମ୍ବା ଅହଂକାର ପାଇଁ ବ୍ୟବହାର କରିନଥିଲେ।





ଭଗବାନ ବିଷ୍ଣୁଙ୍କ ବାହନ ଭାବେ ଗରୁଡ଼ ଭକ୍ତି ଓ ସେବାର ଆଦର୍ଶ ପ୍ରତିଷ୍ଠା କରିଛନ୍ତି। ଭକ୍ତି କେବଳ ପୂଜାରେ ସୀମିତ ନୁହେଁ; ନିଷ୍ଠାର ସହିତ ସେବା କରିବା ମଧ୍ୟ ଭକ୍ତିର ଏକ ରୂପ-ଗରୁଡ଼ଙ୍କ ଚରିତ୍ର ଏହାର ଉଦାହରଣ। ହିନ୍ଦୁ ଧର୍ମରେ ଗରୁଡ଼ଙ୍କୁ ବିଶେଷ ଭକ୍ତିର ସହିତ ସ୍ମରଣ କରାଯାଏ। ବୈଷ୍ଣବ ପରମ୍ପରାରେ ତାଙ୍କର ସ୍ଥାନ ଅତ୍ୟନ୍ତ ଉଚ୍ଚ। ଅନେକ ବିଷ୍ଣୁ ଓ ନାରାୟଣ ମନ୍ଦିରରେ ଗରୁଡ଼ଙ୍କ ମୂର୍ତ୍ତି ମୁଖ୍ୟ ଦେବତାଙ୍କ ସମ୍ମୁଖରେ ସ୍ଥାପିତ ହୋଇଥାଏ। ଗରୁଡ଼ଙ୍କୁ ସାଧାରଣତଃ ହାତ ଯୋଡ଼ି ଭଗବାନ ବିଷ୍ଣୁଙ୍କ ଆଡ଼କୁ ମୁହଁ କରିଥିବା ଭକ୍ତ ରୂପରେ ଦେଖାଯାଏ। ଏହା ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ଅନନ୍ୟ ସମ୍ପର୍କର ପ୍ରତୀକ। ହିନ୍ଦୁ ଧର୍ମର ଅଠରଟି ମହାପୁରାଣ ମଧ୍ୟରୁ 'ଗରୁଡ଼ ପୁରାଣ' ଏକ ପ୍ରମୁଖ ପୁରାଣ। ପରମ୍ପରାନୁସାରେ ଭଗବାନ ବିଷ୍ଣୁ ଗରୁଡ଼ଙ୍କୁ ବିଭିନ୍ନ ଧାର୍ମିକ ଓ ଆଧ୍ୟାତ୍ମିକ ବିଷୟରେ ଉପଦେଶ ଦେଇଥିବାର କଥା ଏଥିରେ ମିଳେ। ଗରୁଡ଼ ପୁରାଣରେ ଧର୍ମ, ନୀତି, ଦାନ, କର୍ମଫଳ, ଜୀବନର ଆଦର୍ଶ, ଆତ୍ମା, ମୃତ୍ୟୁ ଓ ପରଲୋକ ସମ୍ପର୍କିତ ଅନେକ ବିଷୟ ଆଲୋଚିତ ହୋଇଛି। ତେଣୁ ଗରୁଡ଼ଙ୍କ ନାମ କେବଳ ଏକ ପୌରାଣିକ ପକ୍ଷୀର ନାମ ନୁହେଁ; ଏହା ଭାରତୀୟ ଧାର୍ମିକ ଜ୍ଞାନ ପରମ୍ପରା ସହିତ ମଧ୍ୟ ଗଭୀର ଭାବରେ ଜଡ଼ିତ।

ଗରୁଡ଼ଙ୍କର ଉଡ଼ାଣ ମଣିଷର ଉଚ୍ଚ ଆକାଂକ୍ଷାର ପ୍ରତୀକ। ତାଙ୍କର ବିଶାଳ ଡେଣା ସ୍ୱାଧୀନତାର ପ୍ରତୀକ। ତାଙ୍କର ଶକ୍ତି ସାହସର ପ୍ରତୀକ ଏବଂ ବିଷ୍ଣୁଙ୍କ ପ୍ରତି ତାଙ୍କର ଭକ୍ତି ନିଷ୍ଠା ଓ ସେବାର ପ୍ରତୀକ।

ଓଡ଼ିଶାର ଶ୍ରୀଜଗନ୍ନାଥ ସଂସ୍କୃତି ବୈଷ୍ଣବ ପରମ୍ପରାର ଏକ ମହାନ କେନ୍ଦ୍ର। ଶ୍ରୀଜଗନ୍ନାଥଙ୍କୁ ଅନେକ ଭକ୍ତ ବିଷ୍ଣୁ କିମ୍ବା ନାରାୟଣଙ୍କ ସହ ଅଭିନ୍ନ ଭାବରେ ଦେଖନ୍ତି। ଏହି କାରଣରୁ ଗରୁଡ଼ଙ୍କର ମଧ୍ୟ ଶ୍ରୀଜଗନ୍ନାଥ ପରମ୍ପରାରେ ଗୁରୁତ୍ୱ ରହିଛି।

ଶ୍ରୀଜଗନ୍ନାଥଙ୍କ ଦର୍ଶନ ସହିତ ଗରୁଡ଼ଙ୍କୁ ସ୍ମରଣ କରିବା ବୈଷ୍ଣବ ଭକ୍ତି ପରମ୍ପରାର ଏକ ଅଂଶ। ଗରୁଡ଼ଙ୍କ ମାଧ୍ୟମରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ସେବା ଓ ସମର୍ପଣର ଭାବ ପ୍ରକାଶ ପାଏ।

ଭାରତୀୟ ମନ୍ଦିର ସ୍ଥାପତ୍ୟ, ମୂର୍ତ୍ତିକଳା ଓ ଚିତ୍ରକଳାରେ ଗରୁଡ଼ଙ୍କ ଚିତ୍ରଣ ଦେଖିବାକୁ ମିଳେ। ବିଷ୍ଣୁଙ୍କ ମୂର୍ତ୍ତି ସହିତ ଗରୁଡ଼ଙ୍କ ମୂର୍ତ୍ତି ଅନେକ ମନ୍ଦିରରେ ଦେଖାଯାଏ। କେଉଁଠାରେ ସେ ଭଗବାନଙ୍କୁ ବହନ କରୁଥିବା ରୂପରେ ଏବଂ କେଉଁଠାରେ ହାତ ଯୋଡ଼ି ଭକ୍ତିପୂର୍ଣ୍ଣ ଭାବରେ ଦଣ୍ଡାୟମାନ ରୂପରେ ଚିତ୍ରିତ ହୋଇଛନ୍ତି। ଭାରତ ବାହାରେ ମଧ୍ୟ ଗରୁଡ଼ଙ୍କର ପ୍ରଭାବ ଦେଖିବାକୁ ମିଳେ। ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆର ବିଭିନ୍ନ ଦେଶର କଳା ଓ ରାଜକୀୟ ପ୍ରତୀକରେ ଗରୁଡ଼ଙ୍କ ରୂପ ବ୍ୟବହୃତ ହୋଇଛି। ଏହା ତାଙ୍କର ବିଶାଳ ସାଂସ୍କୃତିକ ପ୍ରଭାବର ପ୍ରମାଣ।

ଗରୁଡ଼ ଭାରତୀୟ ପୁରାଣ ଓ ସଂସ୍କୃତିର ଏକ ଅମର ପ୍ରତୀକ। ସେ ଶକ୍ତି, ସାହସ, ମାତୃଭକ୍ତି, ନିଷ୍ଠା, ସେବା ଓ ଭଗବତ୍ ଭକ୍ତିର ଅଦ୍ୱିତୀୟ ଆଦର୍ଶ। ତାଙ୍କ ଜୀବନକଥାରେ ଯେପରି ଅସାଧାରଣ ପରାକ୍ରମ ରହିଛି, ସେହିପରି ମାନବୀୟ ମୂଲ୍ୟବୋଧର ମଧ୍ୟ ଗଭୀର ଶିକ୍ଷା ରହିଛି।

**■ ବୈଷ୍ଣବ ଚରଣ ଦାଶ**
**ବୀରଧନଞ୍ଜୟ ପୁର,ବୁଗୁଡ଼ା, ଗଞ୍ଜାମ**
**୯୭୭୬୫୩୪୯୩୦**

ସ୍ୱାସ୍ଥ୍ୟ ସ୍ୱତନ୍ତ୍ର

# ବର୍ଷାଦିନେ ଗର୍ଭବତୀଙ୍କ ସୁସ୍ଥ ରହିବା ନେଇ ସତର୍କତା

ପ୍ରଫେସର ଡାକ୍ତର ଶୁଭଶ୍ରୀ ମିଶ୍ର

**ବର୍ଷା ବଢ଼ୁଛି, ବର୍ଷା ଜନିତ ଥଣ୍ଡା ସମସ୍ୟା ସବୁଠାରୁ ସ୍ତ୍ରୀଲୋକମାନେ ସାମ୍ନା କରିଥାନ୍ତି। ବିଶେଷକରି କର୍ମଜୀବୀ ମହିଳାଙ୍କ ଏବଂ ଶ୍ରମଜୀବୀଙ୍କ ପାଇଁ ଏହା ଅତ୍ୟନ୍ତ କଷ୍ଟକର ସାବ୍ୟସ୍ତ ହୋଇଥାଏ। ଲଗାଣ ବର୍ଷା କେବଳ ଅନେକ ମେହନତୀ ଶ୍ରମଜୀବୀ ମହିଳାଙ୍କ ପାଇଁ ଶାରୀରିକ କଷ୍ଟକର ହୋଇ ନଥାଏ ବରଂ ସେମାନଙ୍କର ରୋଜିରୋଟୀ ଛଡ଼ାଇ ନେଇଯାଏ। ବର୍ଷା ଦିନେ ବିଶେଷକରି ଗର୍ଭବତୀ ମହିଳାଙ୍କ କଥା ଦେଖିଲେ ସେମାନଙ୍କ ପାଇଁ ଅନେକ ସାସ୍ଥ୍ୟ ସତର୍କତା ଅତ୍ୟନ୍ତ ଜରୁରୀ। କୌଣସି ପରିସ୍ଥିତିରେ ଜଣେ ଗର୍ଭବତୀ ଅଧିକ ସମୟ ତିନ୍ତିଗଲେ ଏହା ଜ୍ୱର, ମୁଣ୍ଡବିନ୍ଧା ଓ ଘୋଳାବିନ୍ଧା ସମସ୍ୟା ମଧ ଦେଖାଇଥାଏ। ସାଧାରଣତଃ ମୌସୁମୀ ସମୟରେ ଲେପ୍ଟୋସିରୋସିସ୍ ଆଦି ଗମ୍ଭୀର ରୋଗ ହେବାର ଆଶଙ୍କା ବଢ଼ିଯାଏ। ସାଧାରଣତଃ ଏହିଦିନେ ମଣିଷ ଦ୍ୱାରା ହେଉ ଅବା ପଶୁ ଦ୍ୱାରା ଜୀବାଣୁ ଯାଇ ଗର୍ଭବତୀ ମହିଳାଙ୍କ ଠାରେ ପହଞ୍ଚେ। ଏହାର ବିଶେଷ ପ୍ରଭାବ ଗର୍ଭରେ ବଢ଼ୁଥିବା ପିଲା ଉପରେ ପଡ଼େ। ଏହିପରି ବି ହୁଏ ପିଲାର ଜୀବନ ନେଇଯାଏ ଏହି ଜୀବାଣୁ। ଏହା ବ୍ୟତୀତ ପେଟ ସଂକ୍ରମଣ, ଡିହାଇଡ୍ରେସନ ଆଦି ଜଳ ଜନିତ ରୋଗ ହୋଇଥାଏ। ଏଥିପାଇଁ ଗର୍ଭବତୀ ମହିଳା ଏହି ମୌସୁମୀରେ ବିଶେଷ ଧ୍ୟାନ ରଖିବା ଦରକାର।**

ବର୍ଷାଦିନରେ ଗର୍ଭବତୀ ମାଆ ମାନଙ୍କ ପାଇଁ ଖାଦ୍ୟପେୟ ବ୍ୟବସ୍ଥାରେ ସତର୍କତା ଜରୁରୀ। ବର୍ଷାଦିନେ ଡିହାଇଡ୍ରେସନ ଏକ ବଡ଼ ସମସ୍ୟା। ଏଥିପାଇଁ ଏହିଦିନେ ପ୍ରଚୁର ପାଣି ପିଅନ୍ତୁ। ତରଳ ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଏହା ଶରୀରରେ ଜଳୀୟଅଂଶ ଧରି ରଖିବା ସହ ଚିନ୍ତା ଦୂର କରେ। ଯଦି ଚେତାଶୂନ୍ୟ, ମୁଣ୍ଡ ବୁଲାଇବା, ମୁଣ୍ଡ ବ୍ୟଥା ଅବା ଗରମ ଭଳି କିଛି ସମସ୍ୟା ଦେଖା ଦେଉଥିଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହା ସହିତ ତରଳ ଖାଦ୍ୟ ଖାଆନ୍ତୁ। ରାସ୍ତାକଡ଼ରେ ତିଆର ହେଉଥିବା ଖାଦ୍ୟ ଖାଆନ୍ତୁ ନାହିଁ। ସୁଷମ ଖାଦ୍ୟ ଖାଆନ୍ତୁ, ଯଦି ସେହିଭଳି ଖାଦ୍ୟ ଖାଇବାକୁ ଇଚ୍ଛା ହେଉଥାଏ, ତେବେ ନିଜେ ତିଆରି କରି ଖାଦ୍ୟ ଖାଆନ୍ତୁ। ବାହାର ଖୋଲା ପାଣି ପିଇବା ଅପେକ୍ଷା ମିନେରାଲ ପାଣି ପିଅନ୍ତୁ। ଖାଦ୍ୟ ପ୍ରସ୍ତୁତ ସମୟରେ ପନିପରିବାକୁ ଭଲ ଭାବରେ ଧୁଅନ୍ତୁ। ବିଶେଷ କରି ସବୁଜ ପନିପରିବାକୁ ରୋଷେଇରେ ସାମିଲ କରନ୍ତୁ। ଏହି ସମୟରେ ପ୍ରାୟତଃ ବିଭିନ୍ନ ପତ୍ରରେ ଛୋଟ ଛୋଟ ପୋକ ଓ ସେମାନଙ୍କର ଡିମ୍ବାଣୁ ଦେଖାଦେଇଥାନ୍ତି ତେଣୁ ଦେଖିଚାହିଁ ଶାଗ ଖାଇପାରିବେ। ତେବେ ଋତୁଜାତୀୟ ଫଳ ସବୁଠାରୁ ଫଳ। ଉତ୍ତମ ପୋଷଣଯୁକ୍ତ ଖାଦ୍ୟ : ଏହା ଉଭୟ ମା' ଓ ପିଲାପାଇଁ ବହୁତ ଭଲ।



ବର୍ଷାଦିନରେ ଗର୍ଭବତୀ ମାଆ ଜଣଙ୍କ ରହୁଥିବା ଘରଟି ଭଲ ଭାବେ ପରିଷ୍କାର ପରିଚ୍ଛନ୍ନ ରହିବା ଉଚିତ। ଘର ଭିତରକୁ ଯେପରି ଉଜ୍ଜ୍ୱଳ ସୂର୍ଯ୍ୟକିରଣ ଆସିପାରିବ ସେ ଦିଗକୁ ମଧ ଦେଖିବା ଜରୁରୀ। ଗର୍ଭାବସ୍ଥାରେ ଘରର ସଫାସୁତୁରା ଉପରେ ସର୍ବଦା ଧ୍ୟାନ ଦେବା ଦରକାର। ଘରେ କୌଣସି କୀଟାଣୁ ଜୀବାଣୁ ନ ରହିବା ଦରକାର। ଯଦି ଘରେ ମଇଳା ରହେ, ତେବେ କୀଟାଣୁ ତ୍ୱଚା ଓ ପେଟକୁ ସଂକ୍ରମଣ କରିବ। ଘରର ଦ୍ୱାରମୁହଁ ଖୋଲା କରି ରଖ। ଏହାଦ୍ୱାରା ତାଜା ପବନ ଘର ଭିତରକୁ ଆସିବ। ଡେଙ୍ଗୁ ଓ ମ୍ୟାଲେରିଆ ଠାରୁ ରକ୍ଷା ପାଇବା ପାଇଁ ସର୍ବଦା କୁଲର ସଫା ରଖନ୍ତୁ। ଜୋତା ଚପଲ ଘର ଭିତରକୁ ନ ଆଣି ଘର ବାହାରେ ରଖନ୍ତୁ। ଏହାଦ୍ୱାରା ବାହାରରର ଜୀବାଣୁ ଓ କୀଟାଣୁ ଘରକୁ ଆସିବ ନାହିଁ। ଏହି ସମୟରେ ଯେତେ ସମ୍ଭବ ଘର ଲୋକ ଓ ଡାକ୍ତରଙ୍କ ସହିତ ପରାମର୍ଶ ନିଅନ୍ତୁ। ଏହାଦ୍ୱାରା ଜୀବାଣୁ ଓ କୀଟାଣୁ ଠାରୁ ଦୂରେଇ ରହିପାରିବେ ଏବଂ ସୁସ୍ଥ ରହିପାରିବେ।


ବର୍ଷା ଦିନେ ବି ଦେହରୁ ଝାଳ ବାହାରେ। ବର୍ଷାଦିନରେ ସୂର୍ଯ୍ୟ କିରଣ କମ ପଡ଼ିଥାଏ ତେଣୁ ଯେତିକି ସମ୍ଭବ ଖରାରେ ଲୁଗା ଶୁଖାଇବା ଅତ୍ୟନ୍ତ ଭଲ। ଦେହକୁ ଆରାମ ଲାଗୁଥିବା କପଡ଼ା ପିନ୍ଧନ୍ତୁ ଯାହା ଆରାମଦାୟକ ଅନୁଭବ ହେବ। ଏହା ସହିତ ପେଟକୁ ମଧ ଆରାମ ଲାଗିବ। ବର୍ଷାଦିନେ ସର୍ବଦା ଢ଼ିଲା ପୋଷାକ ପିନ୍ଧନ୍ତୁ। କାରଣ ଟାଇଟ୍ ପୋଷାକ ପିନ୍ଧିବା ଦ୍ୱାରା କୁଣ୍ଡାଇ ହେବାପରି ସମସ୍ୟା ଦେଖାଦେଇଥାଏ। ଏମିତିରେ ବି ଟାଇଟ୍ ପୋଷାକ ପିନ୍ଧିଥିଲେ ଶିଶୁ ପାଇଁ କ୍ଷତିକାରକ। ଶିଶୁ ଠିକ୍ ଭାବରେ ବିକାଶ କରିପାରେ ନାହିଁ। ଏଣୁ ଆରାମଦାୟକ ପୋଷାକ ପିନ୍ଧନ୍ତୁ। ସିନ୍ଥେଟିକ୍ ପୋଷାକ ନପିନ୍ଧି ସୂତା ପୋଷାକ ପିନ୍ଧନ୍ତୁ। ସିନ୍ଥେଟିକ ତ୍ୱଚା ଉପରେ ପ୍ରଭାବ ପକାଇପାରେ। ପାଦକୁ ଘୋଡାଇ ରଖିବା ଦରକାର। ଏଣୁ ସର୍ବଦା ମୋଜ ପିନ୍ଧନ୍ତୁ। ଏହାଦ୍ୱାରା ଅଧିକ ଥଣ୍ଡା ହୋଇନଥାଏ।

ବର୍ଷାଦିନରେ ଗର୍ଭବତୀ ମାଆ ମାନଙ୍କ ପାଇଁ ସଫାସୁତୁରା ଦିଗଟି ଅତ୍ୟନ୍ତ ଜରୁରୀ। ଗର୍ଭବତୀ ଅତିକମ୍‌ରେ ଦୁଇଥର ଗାଧୋଇବା ଦରକାର। ପ୍ରତି ଏକ ଘଣ୍ଟା ଅନ୍ତରରେ ଓଦା ଟାୱେଲରେ ଚେହେରା ପୋଛି ଦେବା ଦରକାର। ଯଦି ସମ୍ଭବ ହୁଏ ଗୋଲାପ ଜଳରେ ଚେହେରା ପୋଛି ପାରିବେ। ନଖ ଉଷୁମ ପାଣିରେ ସ୍ନାନ କରିପାରିବେ। ବଗିଚାରେ ବି ଖାଲି ପାଦରେ ଚାଲନ୍ତୁ ନାହିଁ। କାରଣ ବର୍ଷାଦିନିଆ କାଦୁଅରେ ପାଦର ତ୍ୱଚା ସଂକ୍ରମଣ ହୋଇପାରେ। ସଡ଼କ ଉପରେ ଚାଲୁଥିବା ପାଣି ମଧ ଗର୍ଭବତୀଙ୍କ ପାଇଁ କ୍ଷତିକାରକ। ଏଣୁ ଏଥିପ୍ରତି ସାବଧାନ ରହିବା ଦରକାର। ଯେତେଥର ବାହାରକୁ ଯିବେ, ସେତେଥର ହାତ ଓ ଗୋଡ ଉଷୁମ ପାଣି କିମ୍ବା ମେଡିକେଟେଡ୍ ସାବୁନରେ ଧୁଅନ୍ତୁ। ଏହାଦ୍ୱାରା ଜୀବାଣୁ ଆପଣଙ୍କ ପିଲା ପାଖରେ ପହଞ୍ଚିପାରିବ ନାହିଁ। ଏହି ଦିନରେ ଜଳଜନିତ ରୋଗ ଯୋଗୁଁ ପେଟରେ ସଂକ୍ରମଣ ହେବା ଏକ ସାଧାରଣ କଥା। ଏଥିପାଇଁ ଆପଣ ଯେଉଁ ପାଣି ପିଉଛନ୍ତି ତାହା ସଫା ହୋଇଥିବା ସହିତ ଜୀବାଣୁ ମୁକ୍ତ ହେବା ଦରକାର। ଏହା ମଧ ମନେରଖିବେ ଗର୍ଭାବସ୍ଥାରେ ହାଇଜେନିକ୍ ଖାଦ୍ୟ ଖାଇବା ସହିତ ଫାଷ୍ଟଫୁଡ୍ ଓ ପକେଟ ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। କୌଣସି ପରିସ୍ଥିତିରେ ଫ୍ରିଜରେ ଥିବା ଖାଦ୍ୟ ଓ ନିଶାଦ୍ରବ୍ୟ ଆଦୌ ଗ୍ରହଣ କରନ୍ତୁ ନାହିଁ। ବର୍ଷାଦିନରେ ଦୂରସ୍ଥାନକୁ ଏହିପରି ପରିସ୍ଥିତିରେ ଯିବା ନିରାପଦ ନୁହଁ। ଗର୍ଭବତୀଙ୍କ ସହିତ ଘରର ସମସ୍ତ ସଦସ୍ୟ ସଫାସୁତୁରା ରହିବା ଦରକାର। ଏହାଦ୍ୱାରା ପିଲାଟି ସୁସ୍ଥ ଭାବରେ ଜନ୍ମ ହୋଇପାରିବ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ,ଦୂରଭାଷ : ୯୮୬୧୪୬୩୪୦୬**







# ସାହିତ୍ୟ ସାଧନା, ସମାଜସେବା ଓ ଶିକ୍ଷାଦାନ ସେବାରେ ବ୍ରତୀ :


## ଅଧ୍ୟାପକ ବାସୁଦେବ ସ୍ୱାଇଁ

ମଣିଷ ନିଜର ଆଚାର ବ୍ୟବହାର ଏବଂ ମହତ୍ କର୍ମ, ଏକନିଷ୍ଠ ସାଧନା ବଳରେ ଉଚ୍ଚାଙ୍ଗ ଶିଖରରେ ପହଞ୍ଚି ପାରେ ପୁଣି ସମାଜ ଆଗରେ ଉଦାହରଣୀୟ ପାଲଟେ। ଉତ୍କୃଷ୍ଟ କଳାର ଦେଶ ଉତ୍କଳ। ଉତ୍କଳର କଳା, ସାହିତ୍ୟ, ସଂସ୍କୃତି, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଗରିମାମୟ କୃତୀ କୀର୍ତ୍ତି ବିଶ୍ୱ ବନ୍ଦିତ। ସବୁ ଜନ୍ମ ମଧ୍ୟରେ ମାନବ ଜନ୍ମ ଶ୍ରେଷ୍ଠ ଜନ୍ମ। ଉତ୍କଳ ମହାନ୍ ଇତିହାସକୁ ଆମ ସମାଜର ବରେଣ୍ୟ ସାଧକ ଗଣ ନିଜର ସାଧନା ବଳରେ ସଦା ଉଜ୍ଜୀବିତ କରି ରଖିଛନ୍ତି । ସାମାଜିକ ପ୍ରାଣୀ ମଣିଷ ଭାବ ସେ ସମାଜ ସଭ୍ୟତା ସଂସ୍କୃତି ପରମ୍ପରା ଆଦିକୁ ନେଇ ବଞ୍ଚେ । ଅନନ୍ୟ ଆଦର୍ଶ, କର୍ମ ହିଁ ଆମ ପରିଚୟ । ଆମ ସମୟର ଅନେକ ମଣିଷ ଆଜି ମଧ୍ୟ ସେହି ମନ୍ତ୍ରରେ ଅଭିମନ୍ତ୍ରିତ । ଅନ୍ୟ ପାଇଁ ମହତ୍ କାର୍ଯ୍ୟ କରିବା ବା ତ୍ୟାଗ ସ୍ୱୀକାର କରିବା ଏହା ବିଧାତାଙ୍କ ବରଦାନ ବା କୃପା। ସମସ୍ତଙ୍କ ଭାଗ୍ୟରେ ଏହା ମିଳି ନ ଥାଏ । ସେବାକାର୍ଯ୍ୟ କରି ଆମ ମହାପୁରୁଷ ଗଣ ଉଦାହରଣ ପାଲଟିଛନ୍ତି ସମାଜରେ। ସେହିଭଳି ଜଣେ ଅନନ୍ୟ ଆଦର୍ଶରେ ଅନୁପ୍ରାଣୀତ ବିଶିଷ୍ଟ ପ୍ରତିଭାଧାରୀ, ସଦା ଚଳଚଞ୍ଚଳ, ନୀତିନିଷ୍ଠ, ଅତ୍ୟନ୍ତ ସ୍ନେହୀ ଧର୍ମପ୍ରାଣ ବ୍ୟକ୍ତିତ୍ୱ, ବରିଷ୍ଠ ସାମାଜିକ କର୍ମୀ, ମହାନ୍ ମଣିଷ, କବି, ସୁବକ୍ତା, ଗୀତିକାର ଅଧ୍ୟାପକ ବାସୁଦେବ ସ୍ୱାଇଁ ଏକ ପରିଚିତ ନାମ। ସେ





କଟକ ଜିଲ୍ଲା କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ ମୌଜା ସ୍ଥିତ କୂଳସରିଚୁଆଁ ଗ୍ରାମରେ ୧୯୬୨ ମସିହାରେ ପିତା ସ୍ୱର୍ଗତ କୌଶିକ ସ୍ୱାଇଁ ମାତା ବିଦ୍ୟୁଲତା ସ୍ୱାଇଁଙ୍କ ଅମୀୟ ଅଙ୍କ ମଣ୍ଡନ କରି ଜନ୍ମ ଗ୍ରହଣ କରିଥିଲେ। ସେ କୂଳସରିଚୁଆଁ ଉଚ୍ଚ ବିଦ୍ୟାଳୟରୁ ମାଟ୍ରିକ ପାସ୍ ଉତ୍କଳ ୟୁନଭରସିଟିରେ ଛାତ୍ର ଜୀବନ ଆରମ୍ଭ କରି ପରେ ପଲିଟିକାଲ ସାଇନ୍ସ ଓ ଫିଜିକାଲ ଏଜୁକେସନରେ ମାଷ୍ଟର ଡିଗ୍ରୀ ଉଚ୍ଚ ଶିକ୍ଷା ଲାଭ କରିଛନ୍ତି। ଧର୍ମ କାର୍ଯ୍ୟରେ ସର୍ବଦା ଶ୍ରଦ୍ଧା ରଖିଛନ୍ତି ଓ ସେବାରେ ନିମଗ୍ନ। ଧୀର ଶାନ୍ତ ସ୍ୱଭାବର ଉଦାହରଣୀୟ ବ୍ୟକ୍ତି। ସେ କନ୍ଦରପୁର ମହାବିଦ୍ୟାଳୟରେ ସ୍ପୋର୍ଟସ ଅଫିସର ଭାବେ କାର୍ଯ୍ୟକରି ଅଧୁନା ଅବସରପ୍ରାପ୍ତ। ସେ ଅବସର ପରେ ଅତିଥି ଅଧ୍ୟାପକ ଭାବେ ସନାତନ ହରି ଚନ୍ଦନ ଡ଼ିଗ୍ରୀ ମହାବିଦ୍ୟାଳୟ ଖୋର୍ଦ୍ଧାରେ ଦୀର୍ଘ ଚାରି ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ଶିକ୍ଷାଦାନ କରିଛନ୍ତି। ବାସୁ ସାର ଜଣେ ମହାନ୍ ପ୍ରତିଭା ଯାହାଙ୍କ ଜୀବନ କାହାଣୀ ଖୁବ୍ ସଂଘର୍ଷମୟ କିନ୍ତୁ ସଦା ଉଜ୍ଜୀବିତ। ସେ ଜନସଚେତନତା କାର୍ଯ୍ୟକ୍ରମ, ବୃକ୍ଷରୋପଣ, ସେବାକାର୍ଯ୍ୟ, ଅସହାୟ ଲୋକଙ୍କୁ ସହଯୋଗ ପ୍ରଦାନ, ଆଶ୍ରମ ଭ୍ରମଣ, ସାହିତ୍ୟ ସେବା, ଧାର୍ମିକ କାର୍ଯ୍ୟରେ ଯଥୋଚିତ ସହଯୋଗ ସହ ଶ୍ରମ ଦାନ ଆଦି ଅନେକ କାର୍ଯ୍ୟ କରିଚାଲିଛନ୍ତି ଯାହାର ପଟାନ୍ତର ନାହିଁ। ନିଜ ଗ୍ରାମର ବିକାଶ ସହ ୪୨ ମୌଜା କଟକ ସଦରର ବିଭିନ୍ନ ସଂଗଠନ ସହ ଜଡିତ ରହି ବହୁ ଉନ୍ନତି ମୂଳକ କାର୍ଯ୍ୟ କରି ଖୁବ୍ ପ୍ରଶଂସା ସାଉଁଟିଛନ୍ତି । ନିଜ ଅଞ୍ଚଳର ଅନେକ ଗଠନ ମୂଳକ କାର୍ଯ୍ୟର ସେ ମୁଖ୍ୟ ସୂତ୍ରଧର । ସେ ନିଃସ୍ୱାର୍ଥପର ସେବାରେ ବ୍ରତୀ । ଶୋଭନୀୟତାର ପ୍ରତୀକ ସେ । ଛାତ୍ର ଜୀବନରୁ ସେ ନିଜର ସକ୍ଷମ ଅନୁଯାୟୀ ସୁକର୍ମ ମାଧ୍ୟମରେ, ସମାଜ ପାଇଁ ନିଜର କର୍ତ୍ତବ୍ୟ କରି ଆସୁଛନ୍ତି। ଜଣେ ଖ୍ୟାତିସମ୍ପନ୍ନ କବି ଭାବେ ବହୁ ସଭା ସମିତିରେ ଯୋଗଦାନ କରି କବିତା ଅବୃତି କରିବା,କବିତା ସଂଯୋଜନା କରିବା ଆଦି ଅନେକ ପ୍ରତିଭା ରହିଛି । ତାଙ୍କ ଲିଖିତ କବିତା ସଂକଳନ 'ଭାବ ତରଙ୍ଗ' ପ୍ରକାଶିତ ହୋଇ ଖୁବ୍ ପାଠକୀୟ ସ୍ୱୀକୃତି ଲାଭ କରିଛି । ତାଙ୍କର ଦିତ୍ୱୀୟ କବିତା ସଂକଳନ ପ୍ରକାଶିତ ଅପେକ୍ଷାରେ । କ୍ରୀଡ଼ା ଜଗତରେ ମଧ ତାଙ୍କର ଖୁବ୍ କୃତିତ୍ୱ ରହିଛି ଛାତ୍ର ଜୀବନରୁ ସେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ଥରରେ ଖୁବ୍ ସଫଳତା ହାସଲ କରିଛନ୍ତି । ବଡ଼ କଥା ନୁହେଁ ମଣିଷ ଜନ୍ମ ପାଇବା ମଣିଷ ହୋଇ ଆଉ ଜଣେ




ମଣିଷର ଯଦି ଦୁଃଖ ବେଳେ ସାହାଯ୍ୟ କରି ପାରିଲ ତେବେ ଯାଇ ମଣିଷ ଜନମର ମୂଲ୍ୟବୋଧ ରହିବ। ଦୁଃଖୀ ଲୋକଙ୍କୁ ଖୁସି ବାଣ୍ଟିବେ ମାନବ ସେବାରେ ସମର୍ପିତ ହୋଇ ରହିବେ। ଏହି ସେବାପ୍ରାଣ, ଅନନ୍ୟ ସାରସ୍ୱତ ସାଧକ, ସମାଜର ଗର୍ବ, ଗୌରବ ଚେତନାର କେନ୍ଦ୍ର ବିନ୍ଦୁ ଯାହାଙ୍କର ସବୁଠି ରହିଛି ପ୍ରଶଂସା ଆଉ ସମ୍ମାନ। ଏହି ମହାନ୍ ସାରସ୍ୱତ ସାଧକ ମହତ୍ ଚିନ୍ତା ଚେତନାରେ ଅନୁପ୍ରାଣିତ ବଳିଷ୍ଠ ବ୍ୟକ୍ତିତ୍ୱ ଅଧ୍ୟାପକ ଶ୍ରୀଯୁକ୍ତ ସ୍ୱାଇଁଙ୍କ ଦୀର୍ଘ ନିରାମୟ ଜୀବନ କାମନା କରୁଛୁ ।




### ଏହି ସପ୍ତାହ, ସେହି ବର୍ଷ (ସେପ୍ଟେମ୍ବର ୬-୧୨)

#### ଏଇ ସପ୍ତାହ


ସେପ୍ଟେମ୍ବର ୬, ୨୦୧୨- ଆମେରିକାରେ ରାଷ୍ଟ୍ରପତି ପଦ ପାଇଁ ବାରାକ୍ ଓବାମା ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ ହୋଇଥିଲେ।




ସେପ୍ଟେମ୍ବର ୭, ୧୯୦୬-ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ସ୍ଥାପନା ହୋଇଥିଲା।




ସେପ୍ଟେମ୍ବର ୮, ୨୦୦୬- ମହାରାଷ୍ଟ୍ରର ନାସିକ ଜିଲ୍ଲାରେ ବୋମା ବିସ୍ଫୋରଣ ହୋଇଥିଲା।



ସେପ୍ଟେମ୍ବର ୯, ୧୯୪୫-ପ୍ରଥମ କମ୍ପ୍ୟୁଟର ବଗ୍‌ର ଅନ୍ୱେଷଣ କରାଯାଇଥିଲା।



ସେପ୍ଟେମ୍ବର ୧୦, ୨୦୦୨- ସ୍ୱିଜରଲ୍ୟାଣ୍ଡ ମିଳିତ ଜାତିସଂଘର ସଦସ୍ୟ ହୋଇଥିଲା।



ସେପ୍ଟେମ୍ବର ୧୧, ୧୮୯୬- ଆମେରିକାର ଚିକାଗୋ ସହର ଠାରେ ପ୍ରଥମ ବିଶ୍ୱ ଧର୍ମ ସମ୍ମିଳନୀର ଆୟୋଜନ କରାଯାଇଥିଲା।



ସେପ୍ଟେମ୍ବର ୧୨, ୧୮୭୩- ପ୍ରଥମ ଟାଇପ୍‌ରାଇଟର୍‌ର ବିକ୍ରି ହୋଇଥିଲା।



## ମୟୂରଭଞ୍ଜର ଏକ ଲୁପ୍ତପ୍ରାୟ କୃଷି ପରମ୍ପରା

# ହଲଲଙ୍ଗଳ ପୂଜା

**କାନନ ବାଳା ନାୟକ**





ଆମ ଜିଲ୍ଲା ମୟୂରଭଞ୍ଜର ମାଟି କେବଳ ବଣ ଜଙ୍ଗଲ ପାହାଡ ଓ ଝରଣାର ମାଟି ନୁହେଁ, ଏ ମାଟିର କୋଣ ଅନୁକୋଣରେ ଲୁଚି ରହିଛି ମାଟି ମାଆ ପ୍ରତି ଅସୀମ ଭକ୍ତି ଓ କୃଷି ଜୀବନକୁ ନେଇ ଗଢ଼ି ଉଠିଥିବା ଅନେକ ପୁରୁଣା ନୂଆ ପରମ୍ପରା। ମୟୂରଭଞ୍ଜର ସମୃଦ୍ଧ ଲୋକ ସଂସ୍କୃତି କୃଷି ଓ ମାଟିର ଅତ୍ୟନ୍ତ ଅତ୍ୟନ୍ତ ଗଭୀର ସମ୍ପର୍କକୁ ନେଇ ସମୃଦ୍ଧ। ଏହି ଜିଲ୍ଲାର ଚାଷୀମାନେ କୃଷିକୁ ଖାଲି ଜୀବିକା ବୋଲି ଭାବନ୍ତି ନାହିଁ ଏହାର ଅଧିବାସୀ ମାନେ କୃଷିକୁ ପୂଜା ବୋଲି ଭାବନ୍ତି। ତେଣୁ କୃଷିକୁ ନେଇ ଓଡ଼ିଶାର ଓଡ଼ିଶାର ଅନ୍ୟ ଜିଲ୍ଲା ଭଳି ମୟୂରଭଞ୍ଜରେ ମଧ ଅନେକ ପର୍ବପର୍ବାଣୀ ପାଳନ କରାଯାଏ। ସେଇ ଭିତରୁ ଗୋଟେ ପର୍ବ ହେଉଛି ଗହ୍ମା ପୂର୍ଣ୍ଣିମା ବା ରାକ୍ଷୀ ପୂର୍ଣ୍ଣିମାରେ ପାଳିତ ହେଉଥିବା ହଳ ଲଙ୍ଗଳ ପୂଜା।

ଏହି ଦିନ ମୟୂରଭଞ୍ଜ ଜିଲ୍ଲାର ଚାଷୀମାନେ କୃଷି କାର୍ଯ୍ୟରେ ବ୍ୟବହୃତ ହେଉଥିଲା ହଳ ଲଙ୍ଗଳ କୋଦାଳ ଇତ୍ୟାଦି ଉପକରଣଗୁଡିକ ପୂଜା କରିବା ସହିତ ବଳଦକୁ ମଧ ପୂଜା କରିଥାଆନ୍ତି। ଏଇ ସମୟ ବେଳକୁ ଏଇ କୃଷି ଉପକରଣ ଗୁଡିକର କାମ ସରିଯାଇ ଥାଏ, ତେଣୁ ସେଗୁଡିକୁ ଏଇ ଦିନ ଠାରୁ ଆସନ୍ତା ବର୍ଷ କୃଷି କାର୍ଯ୍ୟ ଆରମ୍ଭ ପର୍ଯ୍ୟନ୍ତ ଆରାମ ଦିଆଯାଏ। ଶ୍ରାବଣ ମାସର ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ଏଇ ପର୍ବ ପାଳନ କରାଯାଏ। ଏହି ଦିନ କୃଷିର ଆଦ୍ୟ ଦେବତା ମହାପ୍ରଭୁ ବଳଭଦ୍ର ବା ବଳରାମଙ୍କ ଜନ୍ମ ଦିବସ ବୋଲି ଏହି କୃଷିଭିତ୍ତିକ ପର୍ବକୁ ପାଳନ କରାଯାଏ। ଗହ୍ମାର ଅର୍ଥ ଗୋ ମାତା। ବଳଦକୁ କୃଷକ ନିଜ ଘରର ସଦସ୍ୟ ଭଳି ଲାଳନପାଳନ କରିଥାଏ। କୃଷି କାର୍ଯ୍ୟରେ ତାର ଅମୂଲ୍ୟ ଅବଦାନ ପାଇଁ କୃତଜ୍ଞତା ସ୍ୱରୂପ ତାଙ୍କୁ ଏଇ ଦିନ ସମ୍ମାନ କରାଯାଏ।

ବର୍ଷା ଭିଜା କ୍ଷେତ, ମାଟିର ମହକ, ଚାଷୀ ହାତର ହଳ ଓ ନଙ୍ଗଳ ସବୁ ମିଶି ଗଢିଥାଏ ଆମ ଗ୍ରାମ୍ୟ ଜୀବନ। ହଳର ଲୁହା(ଫାଳ) ମାଟିକୁ ଚିରିଦିଏ ଆଉ ସେଇ ଚିରା ମାଟିରୁ ଜନ୍ମ ନିଏ ଅନ୍ନର ଆଶା। ନଙ୍ଗଳର ପ୍ରତ୍ୟେକଟି ଦାଗରେ ଲୁଚି ରହିଥାଏ ଗୋଟିଏ ନୂତନ ଉତ୍ପାଦନର ସମ୍ଭାବନା। ଏହି ଅନ୍ନ ମଣିଷର ଜୀବନ ବଞ୍ଚାଇ ଥାଏ। ଏହି ଦିନ ମଣିଷ, ପ୍ରକୃତି ଓ ପଶୁ ସମ୍ପଦ ମଧ୍ୟରେ ମଧ୍ୟରେ ଥିବା





ସମ୍ପର୍କକୁ ଆନନ୍ଦ ଉତ୍ସାହର ପାଳନ କରାଯାଏ।

ଆମେ ପିଲା ଥିବା ସମୟରେ ଆମ ଗାଁର ପ୍ରାୟ ସମସ୍ତ ଘର ଚାଳ ଛପର ଘର ଥିଲା। ଏବେ ବି ଆମ ଗାଁର ଅଧିକାଂଶ ଘର ଚାଳ ଛପର ଅଛି। ରାକ୍ଷୀ ପୂର୍ଣ୍ଣିମା ପୂର୍ବଦିନ ମାଟି ଘରର ପିଣ୍ଡାକୁ ଗୋବର ଦେଇ ଲିପା ଯାଉଥିଲା। ଅରୁଆ ଚାଉଳକୁ ବାଟି କାନ୍ଥ ଓ ପିଣ୍ଡାରେ ଚିତା ଅଙ୍କା ଯାଉଥିଲା। ହଳ, ଲଙ୍ଗଳ, କୋଦାଳ,ଫାଳ ଇତ୍ୟାଦି କୃଷି ଉପକରଣଗୁଡିକୁ ଧୋଇ ସଫା କରାଯାଉଥିଲା।

ପୂର୍ଣ୍ଣିମୀ ଦିନ ଆମେ ପିଲାମାନେ ବଡ଼ି ଭୋରରୁ ଉଠି ଫୁଲ, ଦୁବ, ବରକୋଳି ପତ୍ର ସଂଗ୍ରହ କରୁଥିଲୁ। ତା' ପରେ ଘରେ କୃଷି କାର୍ଯ୍ୟରେ ସହାୟତା କରୁଥିବା ବ୍ୟକ୍ତିମାନେ ବଳଦମାନଙ୍କୁ ପଖୋରୀକୁ ନେଇ ଭଲ କରି ଗାଧୋଇ ଦେଉଥିଲେ। ତାଙ୍କ ଶିଙ୍ଗରେ ତେଲ ଲଗାଉ ଥିଲେ। ତା'ପରେ କୃଷି ଉପକରଣ କୁ କାନ୍ଥରେ ଡେରି ରଖା ଯାଇଥିଲା। ଏଇ ସମୟରେ ଆମ ବାଡ଼ିରେ ଗୋଟିଏ ସୁନ୍ଦର ଫୁଲ ଫୁଟେ। ତାକୁ ଆମ ପଟେ ଲଙ୍ଗ ଲଙ୍ଗଳିଆ ଫୁଲ କହନ୍ତି। ସେଇ ଫୁଲ ଗୋଟେ ଲତାରେ ଫୁଲ ଫୁଟେ। ସେଇ ଫୁଲକୁ ଆମେ ତୋଳି ଆଣୁଥିଲୁ। ସବୁ ପ୍ରସ୍ତୁତି ସରିଲା ପରେ ଆମ ପୁରୋହିତ ରାକ୍ଷୀ ଓ ପଇତା ନେଇ ଘରକୁ ଆସନ୍ତି। ହଳ ଲଙ୍ଗଳରେ ଫୁଲ ଚନ୍ଦନ ଓ ସିନ୍ଦୂର ଲଗାଇ ପୂଜା କରନ୍ତି। ତା'ପରେ ସେଇ କୃଷି ଉପକରଣ ଗୁଡିକୁ ରାକ୍ଷୀ ପିନ୍ଧାନ୍ତି। ଆମେ ତୋଳି ଆଣିଥିବା ଲଙ୍ଗଳଙ୍ଗଳିଆ ଫୁଲକୁ ପଇତା କରି ହଳ ଲଙ୍ଗଳରେ ପିନ୍ଧା ଯାଉଥିଲା। ପୂଜା ସରିବା ପରେ ବଳଦମାନଙ୍କୁ ତାଙ୍କ ଶିଙ୍ଗରେ ରାକ୍ଷୀ ବନ୍ଧା ଯାଉଥିଲା। ତା'ପରେ ତାଳରୁ ପ୍ରସ୍ତୁତ ଚକୁଳି ଓ ଅନ୍ୟାନ୍ୟ ପିଠାପଣା ବଳଦ ମାନଙ୍କୁ ଖାଇବାକୁ ଦିଆ ଯାଉଥିଲା। ତା' ପରେ ପୁରୋହିତ ଘରର ଅନ୍ୟ ସଦସ୍ୟଙ୍କୁ ରାକ୍ଷୀ ବାନ୍ଧୁଥିଲେ। ଏଇ ଦିନ ଆମ ଗାଁ ଓ ଆଖପାଖ ଗାଁର ଅନ୍ୟ ବ୍ରାହ୍ମଣମାନେ ଘରକୁ ଘର ବୁଲି ରାକ୍ଷୀ ଓ ପଇତା ବାଣ୍ଟନ୍ତି। ଏଇ ପରି ଭାବରେ ମଣିଷ ଓ ପ୍ରକୃତି ଓ ପଶୁ ସମ୍ପଦ ମଧ୍ୟରେ ଥିବା ସମ୍ପର୍କକୁ ଆନନ୍ଦ ଉତ୍ସାହରେ ପାଳନ କରାଯାଏ ।

ସେଇ ପର୍ବ ଅଛି କିନ୍ତୁ କିଛି ବର୍ଷ ପୂର୍ବରୁ ପର୍ବପର୍ବାଣୀ ଆସିବା ବେଳେ ଥିବା ଉନ୍ମାଦନା ଆଉ ମନ ଭିତରେ ନାହିଁ। ସେଇ ରାକ୍ଷୀ ପୂର୍ଣ୍ଣିମା ଅଛି, ରାକ୍ଷୀରେ ପୂର୍ଣ୍ଣିମାରେ ରାକ୍ଷୀ ବନ୍ଧା ଯାଉଛି କିନ୍ତୁ ରାକ୍ଷୀ ପୂର୍ଣ୍ଣିମାରେ ଆଉ ହଳ ଲଙ୍ଗଳ କୋଦାଳ ପୂଜା ହେଉନି। ସମୟ ବଦଳିଛି। ହଳଲଙ୍ଗଳର ସ୍ଥାନ ନେଇଛି ଟ୍ରାକ୍ଟର, ପାୱାର ଟିଲର, ଥ୍ରେସର ଓ ଅନ୍ୟାନ୍ୟ ଆଧୁନିକ କୃଷି ଯନ୍ତ୍ରପାତି। ଆଧୁନିକତା କୃଷିକୁ ସହଜ କରିଛି, ଚାଷୀର ଶ୍ରମକୁ କମାଇଛି; କିନ୍ତୁ ତା' ସହିତ ଆମର କିଛି ପୁରୁଣା ପରମ୍ପରା ମଧ ଧୀରେ ଧୀରେ ଅସ୍ତମିତ ହେବାକୁ ବସିଛି।

ଆଜି ଯେତେବେଳେ ଆମେ ବିକାଶ ଓ ଆଧୁନିକତାର କଥା କହୁଛେ, ସେତେବେଳେ ଆମର ଆମ ମୂଳକୁ ଭୁଲିଯିବା ଉଚିତ ନୁହେଁ। କାରଣ ଏହି ପରମ୍ପରାଗୁଡ଼ିକ କେବଳ ପୂଜାପର୍ବ ନୁହେଁ; ଏଗୁଡ଼ିକ ଆମ ମାଟିର ପରିଚୟ, ଆମ ଲୋକସଂସ୍କୃତିର ଅଂଶ ଓ ଆମ ପିଲାଦିନର ସ୍ମୃତି।

ହଳର ଫାଳ ବଦଳିଯାଇପାରେ, ଚାଷର ପଦ୍ଧତି ବଦଳିଯାଇପାରେ; କିନ୍ତୁ ମାଟି ପ୍ରତି ଭଲପାଇବା ଓ ଅନ୍ନଦାତା ପ୍ରତି କୃତଜ୍ଞତା କେବେ ବଦଳିବା ଉଚିତ ନୁହେଁ। ଆମ ପରମ୍ପରା ଆମ ଅତୀତର ଚିହ୍ନ ମାତ୍ର ନୁହେଁ, ଏହା ଆମ ଭବିଷ୍ୟତର ପରିଚୟ ମଧ। ତେଣୁ ମୟୂରଭଞ୍ଜର ଏହି ମାଟି ସହ ଜଡ଼ିତ ହଳଲଙ୍ଗଳ ପୂଜା ଭଳି ଲୁପ୍ତପ୍ରାୟ ପରମ୍ପରାଗୁଡ଼ିକୁ ସ୍ମୃତିରେ ନୁହେଁ, ଜୀବନରେ ବଞ୍ଚାଇ ରଖିବାର ଏକାନ୍ତ ଆବଶ୍ୟକତା ରହିଛି।

କାରଣ ପରମ୍ପରା ହଜିଗଲେ କେବଳ ଗୋଟିଏ ପର୍ବ ହଜିଯାଏ ନାହିଁ—ହଜିଯାଏ ଆମ ମାଟିର ଗୋଟେ ସ୍ମୃତି, ଆମ ପିଲାଦିନର ଏକ ଆନନ୍ଦ ଏବଂ ଆମ ଲୋକସଂସ୍କୃତିର ଏକ ଅମୂଲ୍ୟ ଅଧ୍ୟାୟ।

**ଅତିରିକ୍ତ କମିଶନର (ଅପିଲ )**
**ଦ୍ରବ୍ୟ ଓ ସେବା କର, ପୁରୀ ଚକଲା, ପୁରୀ**



# ସ୍ୱଭାବ କବି ଗଙ୍ଗାଧର ମେହେର

## ନାରାୟଣ ସାମନ୍ତରାୟ

ଓଡ଼ିଆ ଭାଷା ସାହିତ୍ୟର ପୁନରୁଦ୍ଧାର ପାଇଁ ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓ ବିଂଶ ଶତାବ୍ଦୀର ପ୍ରଥମ ଭାଗରେ, ଯେଉଁ କେତେଜଣ ମହାପୁରୁଷ ଅବିରତ ସଂଗ୍ରାମ, ସାଧନା ଓ ନିରବଚ୍ଛିନ୍ନ ପ୍ରଚେଷ୍ଟା କରିଥିଲେ। କବି ଗଙ୍ଗାଧର ମେହେର ସେମାନଙ୍କ ମଧ୍ୟରେ ଅନ୍ୟତମ। କବିବର ରାଧାନାଥ ଓ ଫକୀରମୋହନ ପରି ସେ ଥିଲେ ଉତ୍କଳ ଭାରତୀର ନିରବଚ୍ଛିନ୍ନ ସାଧକ। ବରଗଡ଼ ଜିଲ୍ଲାର ବରପାଲି ଗ୍ରାମରେ ଜନ୍ମ ଗ୍ରହଣ କରି ସେ ସ୍ୱଳ୍ପଶିକ୍ଷା ଆହରଣ କରି ଏକ ହସ୍ତରେ ତନ୍ତ ଓ ଅପର ହସ୍ତରେ ଗ୍ରନ୍ଥ ଚର୍ଚ୍ଚା କରିଥିଲେ। ଯଥାର୍ଥରେ କୁହାଯାଇଛି 'ଲକ୍ଷ୍ମୀଙ୍କ ସପତ୍ନୀ ହେବାରୁ ବରଦା, ଦାରିଦ୍ର୍ୟ ତୁମ୍ଭଙ୍କୁ ଘାରୁଥିଲା ସଦା', ସେ ନିଜ ଦୃଢ଼ ଇଚ୍ଛା ଶକ୍ତି ଓ ପ୍ରତିକୂଳ ପରିସ୍ଥିତିକୁ ଭ୍ରୁକ୍ଷେପ ନକରି କଳିଙ୍ଗ ଭାରତୀକୁ କାବ୍ୟ କବିତାର ପୁଷ୍ପମାଳାରେ ସୁସଜ୍ଜିତ କରିପାରିଥିଲେ। ତାଙ୍କ ରଚିତ ତପସ୍ୱିନୀ ପ୍ରଣୟବଲ୍ଲରୀ, ଇନ୍ଦୁମତୀ ଓ କିଚକବଧ ଓଡ଼ିଆ ସାହିତ୍ୟର ଗୋଟିଏ ଗୋଟିଏ ଅମୂଲ୍ୟ ସମ୍ପଦ।

ଗଙ୍ଗାଧରଙ୍କ ଭାଷା-ସାହିତ୍ୟ ଅତ୍ୟନ୍ତ ଉଚ୍ଚକୋଟିର। ଶବ୍ଦର ଯାଦୁରେ ଏହା ଚିରସ୍ରୋତା ନଦୀର ସ୍ୱର ବହନ କରେ। ତାଙ୍କ କାବ୍ୟରେ ପ୍ରକୃତିର ବର୍ଣ୍ଣନା ଅନବଦ୍ୟ ଓ ଅବିସ୍ମରଣୀୟ। ତେଣୁ ଯଥାର୍ଥରେ ତାଙ୍କୁ ସ୍ୱଭାବ କବିର ଆଖ୍ୟା ଦିଆଯାଇଛି। ତାଙ୍କ ପ୍ରକୃତି ବର୍ଣ୍ଣନା ଓଡ୍‌ସୱର୍ଥ, ସେଲି, କିଟ୍‌ସ ଆଦି ବ୍ରିଟିଶ କବି ମାନଙ୍କ ଠାରୁ କୌଣସି ଗୁଣରେ କମ ନୁହେଁ। ତପସ୍ୱିନୀ କାବ୍ୟରେ ମଙ୍ଗଳେ ଅଇଲା ଉଷା ବିକଚରାଜୀବ ଦୃଶା, ଜାନକୀ ଦର୍ଶନ ତୃଷା ହୃଦୟେ ବହି ଠାରୁ ସୀତାଙ୍କ ତମସା ନଦୀକୁ ମା' ବୋଲି ସମ୍ବୋଧନ କରିବା ପର୍ଯ୍ୟନ୍ତ ସବୁ ପଙ୍କ୍ତିରେ ପ୍ରକୃତିର ଚିର ଜୀବନ୍ତ ଚିତ୍ରଣ ଚିର ଫଲଗୁ ଭଳି ପ୍ରବାହିତ ହୋଇଛି। ପୌରାଣିକ ବିଷୟବସ୍ତୁର ଆଧାରରେ ଓଡ଼ିଶା ମାଟିରେ ଓଡ଼ିଆ କାବ୍ୟ କବିତାରେ ସେ ଯେଉଁ ଚରିତ୍ରମାନଙ୍କ ଅବତାରଣା କରି ତାଙ୍କୁ ଦୀପ୍ତିମନ୍ତ, ଋଦ୍ଧିମନ୍ତ ଓ ପ୍ରାଣବନ୍ତ କରିଛନ୍ତି। ତାହା ତାଙ୍କ କାବ୍ୟର ସୃଜନଶୀଳତାର ନିଦର୍ଶନ।

ପତିବ୍ରତା ନାରୀର ସ୍ୱାମୀ ପ୍ରତି ଇହକାଳରେ ପରକାଳରେ ଥିବା ଅନବଦ୍ୟ ଓ ଅତୁଟ ସମ୍ପର୍କ ଓ ଭକ୍ତିକୁ ସେ ଅତି ଉଚ୍ଚକୋଟୀର ଭାବେ ତପସ୍ୱିନୀ କାବ୍ୟରେ ବର୍ଣ୍ଣନା କରିଛନ୍ତି।

**'ମୋ ତନୁ ଦଗ୍ଧ ହେଲେ ହେବ ତ ଖାର**
**ତାହାକୁ କରାଇବ ପାଦପେ ସାର**
**ସେ ତରୁ କାଷ୍ଠ ଦେଇ ବର୍ଦ୍ଧକୀ ହସ୍ତେ**
**କରାଇ ଦେବ ପ୍ରଭୁ ପାଦୁକା ମତେ ହେ।'**

ସେହିପରି ପ୍ରଣୟ ବଲ୍ଲରୀ କାବ୍ୟରେ ପ୍ରଣୟ ପ୍ରଧାନ ବର୍ଣ୍ଣନା ସହ ସେ ସମାଜରେ ଉଚ୍ଚ ଆଦର୍ଶ ପ୍ରତିଷ୍ଠା ପାଇଁ ଓ ସମାଜକୁ ସୁଶୃଙ୍ଖଳିତ କରିବା ଉଦ୍ଦେଶ୍ୟରେ କଣ୍ୱ ମୁନିଙ୍କ କଣ୍ଠରେ ଶକୁନ୍ତଳାଙ୍କୁ ଦେଇଥିବା ଉପଦେଶ ସବୁ କାଳରେ ଓ ସବୁ ଯୁଗରେ ପ୍ରାସଙ୍ଗିକ ହୋଇ ରହିଛି ଓ ରହିବ।

ଇନ୍ଦୁମତୀ କାବ୍ୟର ପୃଷ୍ଠଭୂମି ରଘୁବଂଶ କାବ୍ୟରୁ ଆନୀତ ହୋଇଥିଲେ ମଧ୍ୟ କବି ଗଙ୍ଗାଧର ନିଜର ସ୍ୱକୀୟ ଭାବ। ଆଦର୍ଶ ଐଶ୍ୱରିକ ସତ୍ତା ଓ ମୌଳିକତା ଏଥିରେ ସନ୍ନିବେଶିତ କରିଛନ୍ତି ଅଜ ଓ ଇନ୍ଦୁମତୀଙ୍କ ଚରିତ୍ର ମାଧ୍ୟମରେ।

**'ଜୀବନ ପ୍ରଦୀପ ଜଳୁଥାଏ ଦେହେ**
**ଆୟୁସ୍ତୈଳ ଥିବା ଯାଏ,**
**ଆୟୁ ସ୍ତୈଳ ସବୁ ନିଶେଷିତ ହେଲେ**
**ନିର୍ବାଣ ସେ ହୋଇଯାଏ**
**ଅଚିନ୍ତ୍ୟ ପୁରୁଷ ହସ୍ତେ ଅଛି ସେହି**
**ତୈଳ ଦେବା ଅଧିକାର**
**ଅପକ୍ଷ ପାତରେ ବଣ୍ଟନ କରନ୍ତି**
**କର୍ମ ଦେଖି ଯେ ଯାହାର।'**

ଇନ୍ଦୁମତୀଙ୍କ ସହସା ଓ ଆକସ୍ମିକ ମୃତ୍ୟୁରେ କବିଙ୍କର ଏହି ଚିନ୍ତାଧାରା ଗଭୀର ଦର୍ଶନ ଓ ଐଶ୍ୱରିକ ସତ୍ତାର ଜ୍ୱଳନ୍ତ ପ୍ରତୀକ। ଏହା ବ୍ୟତୀତ କବି ଗଙ୍ଗାଧର ଥିଲେ ଏକାଧାରାରେ ଉତ୍କଳ ପ୍ରେମୀ, ସ୍ୱାଧୀନତା ପିପାସୁ, ମାତୃଭାଷା ପ୍ରେମୀ ଓ ନିରବଚ୍ଛିନ୍ନ ସାଧକ। 'ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ ରହିବେ କାହିଁ।'

ଏବେ ମଧ୍ୟ ପୁର ପଲ୍ଲୀରେ। ସହର ବଜାର ଓ ଶିକ୍ଷାନୁଷ୍ଠାନମାନଙ୍କରେ ଏହା ଝଙ୍କୃତ ଓ ଉଦ୍‌ଘୋଷିତ ହେଉଅଛି। ସରକାରୀ କାର୍ଯ୍ୟଧାରା, ଶିକ୍ଷା ଓ ଶିକ୍ଷାୟତନମାନଙ୍କରେ ଏହା ପ୍ରତିଫଳିତ ହେଉଅଛି।

**'ମଳୟ ଆବାହନ' କବିତାରେ ତାଙ୍କର ଉତ୍କଳ ପ୍ରୀତିର ନିଦର୍ଶନ ମିଳେ।**

**'ଧୀରେ ଧୀରେ ଆସ ମଳୟ ପବନ**
**ଧୀରେ ଧୀରେ ଆସ ବହି**
**ପୁଲକିତ କର ଉତ୍କଳବାସୀଙ୍କୁ ଶୁଭ ସମାଚାର କହି।**
**ସ୍ୱାଗତ କରୁଛୁ ଉପହାର ଘେନି**
**ଆମ୍ବ ବଉଳର କଷି,**
**ଉଦାର ହୃଦୟେ ଗ୍ରହଣ କରିଣ**
**ମୃଦୁ ହିଲ୍ଲୋଳରେ ହସି।'**

ସେହିପରି ତାଙ୍କ ରଚିତ ଉତ୍କଳ-ଲକ୍ଷ୍ମୀରେ। ଉତ୍କଳର ଭୌଗଳିକ, ଐତିହାସିକ ଓ ପରିଦୃଶ୍ୟମାନ ସମସ୍ତ ବୈଭବ, ସୌନ୍ଦର୍ଯ୍ୟ ଓ ସ୍ଥାନ ଚିତ୍ରିତ ହୋଇଅଛି।

କବି ଗଙ୍ଗାଧର ଉତ୍କଳର ଜୟଗାନ କରିଥିଲେ ମଧ୍ୟ ତାଙ୍କ କାବ୍ୟ କବିତାରେ ମହା ଭାରତୀୟ ଭାବନା ପ୍ରସ୍ଫୁଟିତ ହୋଇଅଛି।

ତାଙ୍କ ରଚିତ ଭାରତୀ ଭାବନା ବ୍ରିଟିଶ ଶାସନ ବିରୁଦ୍ଧରେ ଏକ ଯୁଦ୍ଧ ଘୋଷଣା। ଗୋପୀ ଓ କୃଷ୍ଣଙ୍କ ଚରିତ୍ର ମାଧ୍ୟମରେ କଥୋପକଥନ ଆଳରେ ସେ ବ୍ରିଟିଶ ସରକାରଙ୍କୁ ଆହ୍ୱାନ କରିଥିଲେ।

'କୃଷକର ଆତ୍ମକଥା'ରେ ସେ ଉତ୍କଳର ପଲ୍ଲି ଜୀବନର ନିଚ୍ଛକ ଚିତ୍ର ପ୍ରତିପାଦନ କରିଛନ୍ତି। ଯଥାର୍ଥରେ କବି ଗଙ୍ଗାଧରଙ୍କ ଲେଖନୀ ସମାଜର ସବୁ ବର୍ଗ ଓ ସବୁ ଶ୍ରେଣୀର ଲୋକଙ୍କ ପାଇଁ ସମର୍ପିତ ଥିଲା।

ତାଙ୍କ ସାହିତ୍ୟ-ସମ୍ଭାର ପ୍ରକୃତି ବର୍ଣ୍ଣନା ଉଷା, ସନ୍ଧ୍ୟା ଓ ଋତୁ ବର୍ଣ୍ଣନାଠାରୁ ଆରମ୍ଭ କରି ଦେଶପ୍ରେମ, ମାତୃଭାଷା, ମମତା, ଜୀବନର ଅସାରତ ନଶ୍ୱରଣ ବା ଈଶ୍ୱରଙ୍କ ପ୍ରତି ଗଭୀର ବିଶ୍ୱାସ ଅଗାତ ପ୍ରେମ ଆଦି କାଳଜୟୀ ଓ ଚିରଭାସ୍ୱର ହୋଇ ରହିବ।

ମୋ- ୯୯୩୭୩୪୫୪୩୪





**ଅପେରା ଆଇଟମ୍**
**ଶ୍ରୀଗୋବିନ୍ଦ**

## ରଙ୍ଗମଞ୍ଚ ଡ଼ାକେ ଆ...ଆ...

# ଶାରଳାଙ୍କ ପାଇଁ ସବୁ ସମ୍ଭବ ହେଲା...

## ଡ. ସୁଧାଂଶୁ ନାୟକ



୧୯୯୬/୯୭ ମସିହାର କଥା। ମୁଁ ତୁଳସୀ ଗଣନାଟ୍ୟରେ ପ୍ରଥମଥର ନାଟକ ଲେଖିବାକୁ ଯାଇଥାଏ। ମୋ ସହିତ ନିର୍ଦ୍ଦେଶକ ଭାବରେ ଥାଆନ୍ତି ମନୋଜ ପଟ୍ଟନାୟକ, ସଂଗୀତ ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ, ନୃତ୍ୟଗୁରୁ ରାମାରାଓ। ଶୁଣିଥିଲି ତୁଳସୀର ମାଲିକ ଶିବ ବାବୁ ଟିକେ ଟାଣୁଆ ଲୋକ, କାମରେ ଟିକେ ଅବହେଳା ହେଲେ ସେ କାହାର ନୁହନ୍ତି। ଶେଷନାଟକ ମୋର ଥାଏ 'ଦେ ଜହ୍ନମାମୁ କୁନାକୁ ବୁଝେଇ'। ମୋ ନାଟକ ସରିଲେ ପାର୍ଟି ବାହାରିବ, ହାତରେ ମାତ୍ର ୧୦ଦିନ ସମୟ। ୭ଦିନ ଭିତରେ ମାତ୍ର ୧୪ଟି ସିନ୍ ସରିଥାଏ। କାହାଣୀ ଆଗେଇ ପାରୁ ନଥାଏ। ହାତରେ ଗୋଟିଏ ଦିନ ସମୟ। ମାଲିକ କହିଲେଣି ଯଦି ନହୋଇପାରିବ ପାର୍ଟି ଯାତ୍ରା ପାଇଁ ବାହାରିଯିବ। କଳାକାର ବସିଛନ୍ତି, ନିଜକୁ ବି ଖରାପ ଲାଗୁଥାଏ। ମାଆ ଶାରଳାଙ୍କ ପାଖକୁ ଯିବାକୁ ମନ କାହିଁକି କେଜାଣି ଡ଼ାକିଲା। ଆମେ ସାଥି ହୋଇ ଶାରଳା ପାଖକୁ ଗଲୁ। ମାଆଙ୍କୁ ଦୁଃଖ ଜଣାଇ- ମାରିଲେ ମାରିବୁ, ରଖିଲେ ରଖିବୁ ଗୁହାରୀ କରି ଫେରିଲୁ। ବାଟରେ ମନକୁ କାହାଣୀର ଖିଅ ମିଳିଗଲା। କ୍ୟାମ୍ପକୁ ଫେରି ଦିନ ଦୁଇଟାରୁ ଲେଖିବା ଆରମ୍ଭ କରି ରାତି ଦୁଇଟା ଭିତରେ ଆଉ ସିନ୍ ସବୁ ସାରିଦେବା ପରେ ଟିକେ ନିଶ୍ୱାସ ଯେମିତି ମାରିଲି। ମୋ ପାଇଁ ଟିମ୍ ଯାକ ଲୋକ ଅପେକ୍ଷା କରିଥିଲେ। ନାଟକ ଠିକ୍ ସମୟ ଭିତରେ ସରିଲା। ସେ ବର୍ଷ ମଧ୍ୟ ହିଟ୍ ନାଟକ ଭାବରେ ସାବ୍ୟସ୍ତ ହେଲା। ଶିବ ବାବୁ ମଧ୍ୟ ବେଶ ଖୁସି ହେଲେ। ସେଦିନର କଥା ମନେ ପଡ଼ିଲେ, ଆଜି ବି ନିଜକୁ ରୋମାଞ୍ଚିତ ଲାଗେ। ଗୋଟେ ଦିନରେ ରିସ୍କ ନେଇ ୧୪ ସିନ୍ ଲେଖିବା ଓ ସେଇ ନାଟକକୁ ନେଇ ଯୁଦ୍ଧାକାଳୀନ ଭାବରେ ନିର୍ଦ୍ଦେଶକ କଳାକାରଙ୍କୁ ପ୍ରସ୍ତୁତ କରାଇ ନାଟକ କରିବା କଥା ଭାବିଲେ ବିସ୍ମିତ ହୁଏ। ଆଜି ସେ କଥା ଭାବିଲେ ଲାଗେ ମାଆ ଶାରଳା ହିଁ ମୋତେ ବଞ୍ଚେଇ ଦେଲେ।





ଫଟୋ-ଶ୍ୱେତା ନନ୍ଦିତା

'ନିତିଦିନ'ର ରବିବାର କ୍ରୋଡ଼ପତ୍ର 'ନଜର'କୁ ପର୍ଯ୍ୟଟନସ୍ଥଳୀ, ହସକଥା, ସୌନ୍ଦର୍ଯ୍ୟ, ରୋଷେଇ, ସିନେମା ଖବର, ସ୍ୱାସ୍ଥ୍ୟ, କ୍ୟାରିୟର ସମ୍ବନ୍ଧୀୟ ଲେଖା ପଠାଇବାକୁ ଚାହୁଁଥିଲେ, ନିମ୍ନଲିଖିତ ଠିକଣାରେ ପଠାନ୍ତୁ-

'ନଜର', ସଂପାଦକ, ନିତିଦିନ, ସେଡ୍ ନଂ-ଟିଏସ୍୨/୨୧୦/ଏ, ସେକ୍ଟର-ଏ, ଜୋନ୍-ବି, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦, mail-nitidinnazar@gmail.com